୬ ମୁମ୍ବାଇର ରଣଜୀ ଦଳର ଅଧିନାୟକ ହେଲେ ଅଜିଙ୍କ୍ୟ ରାହାନେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS

# ସମ୍ବାଦ କଳିକା
The Sambad Kalika TM

e-paper www.sambadkalika.in
E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୫୩ ● ୨୧ ଜାନୁଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-353 ● 21st January 2025, Tuesday ● Bhubaneswar | Licensed to post without pre-payment of postage No- BN-60/25-27

# ସୁରକ୍ଷା ବାହିନୀକୁ ପୁଣି ସଫଳତା: ନୂଆପଡା ସୀମାନ୍ତ ଜଙ୍ଗଲରେ ୨ ନକ୍ସଲ ନିପାତ

ନୂଆପଡା, ୨୦।୧

ନ୍ୟୁଜ୍ ବ୍ୟୁରୋ

ନୂଆପଡ଼ା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜଙ୍ଗଲରେ ସୁରକ୍ଷା ବାହିନୀକୁ ପୁଣି ଏକ ସଫଳତା ମିଳିଛି। ମେନପୁର ଥାନା ଅଧୀନ କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷା ବାହିନୀର ଯବାନମାନେ ୨ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି ।

ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ନକ୍ସଲମାନେ ମେଳିକରି ରହିଥିବାର ସୂଚନା ପାଇବା ପରେ ସୁରକ୍ଷା ବାହିନୀର ୧୦ଟି ଟିମ୍ ମିଳିତ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ୩ଟି ଏସ୍‌ଓଜି, ୨ଟି ଛତିଶଗଡ଼ ପୁଲିସ ଓ ୫ଟି ସିଆରପିଏଫର ଟିମ୍ ସାମିଲ ଥିଲେ। ସୁରକ୍ଷା ବାହିନୀର ଗୁଳିରେ ୨ ଜଣ ନକ୍ସଲଙ୍କର ମୃତଦେହ ମିଳିଛି । ଏଥି ସହ ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲ୍‌ଆର ବନ୍ଧୁକ, ୩ଟି ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ଏହା ସହ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି ।



ଉଲ୍ଲେଖଯୋଗ୍ୟ ଯେ, ରବିବାର ରାତିରୁ ନୂଆପଡ଼ା ଜିଲ୍ଲା ସୀମାଠାରୁ ମାତ୍ର ୫ କିଲୋମିଟର ଦୂର ଛତିଶଗଡ଼ର କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ନକ୍ସଲ ଲୁଚି ରହିଥିବା ସଂକ୍ରାନ୍ତରେ ଗୁଇନ୍ଦା ସୂଚନା ମିଳିଥିଲା। ଏହା ପରେ ସମ୍ପୃକ୍ତ ଅଞ୍ଚଳରେ ଉଭୟ ଛତିଶଗଡ଼ ଓ ଓଡ଼ିଶା ପୁଲିସ ଏବଂ ସିଆରପିଏଫର ମିଳିତ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ସୋମବାର ସକାଳୁ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ତେବେ ଏହି ଗୁଳି ବିନିମୟ ବେଳେ ଦୁଇ ଜଣ ମହିଳା ନକ୍ସଲ ନିହତ ହୋଇଥିବା ଡିଜି ଓ୍ୱାଇ.ବି ଖୁରାନିଆ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ସୁରକ୍ଷା ବାହିନୀର ଯବାନମାନେ ସର୍ଚ୍ଚ ଅପରେସନ ବେଳେ ୩ ଜଣ ନକ୍ସଲଙ୍କୁ ନିପାତକରିଥିଲେ। ଗରିଆବନ୍ଧ ଓ ନୂଆପଡ଼ା ସୀମାନ୍ତ ଜଙ୍ଗଲରେ ନକ୍ସଲ ଗତିବିଧି ନେଇ ଗୁଇନ୍ଦା ବିଭାଗ ଓ ସୁରକ୍ଷା ବାହିନୀର ଯବାନମାନେ ଖବର ପାଇ ଅପରେସନ ଆରମ୍ଭ କରିଥିଲେ। *(ପୃଷ୍ଠା ୭ରେ)*

## ରାଜ୍ୟରେ ପର୍ଯ୍ୟାୟକ୍ରମେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି-୨୦୨୦

# ୬ ବର୍ଷରୁ ଊର୍ଦ୍ଧ୍ୱ ହେଲେ ପ୍ରଥମ ଶ୍ରେଣୀରେ ନାମ ଲେଖା

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ ସହ ଏକବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥାରେ ଐତିହାସିକ ପରିବର୍ତ୍ତନ ଆଣିବା ନେଇ ସଂକଳ୍ପବଦ୍ଧ ହେବା। ସୁଗମତା, ସମାନତା, ଗୁଣାତ୍ମକ ଶିକ୍ଷା ଏବଂ ଦାୟିତ୍ୱବୋଧ ଆଦି ସ୍ତମ୍ଭ ଆଧାରରେ ପରିଚାଳିତ ଜାତୀୟ ଶିକ୍ଷା ନୀତି -୨୦୨୦ ଧନ୍ଦାମୂଳକ ଦକ୍ଷତା, ମାତୃଭାଷାରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ଶିଶୁର ସାମଗ୍ରିକ ବିକାଶ, ଦକ୍ଷତା-ଆଧାରିତ ମୂଲ୍ୟାଙ୍କନ, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ୍ କରିବାରେ ଏହା ସହାୟକ ହେବ ।



ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି -୨୦୨୦କୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛନ୍ତି । କାର୍ଯ୍ୟକାରିତାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ସ୍ଥାନୀୟ ପ୍ରସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପାଠ୍ୟକ୍ରମ ରୂପରେଖକୁ ପ୍ରସ୍ତୁତ କରିବା ନେଇ ଚଳିତ ମାସର ଆରମ୍ଭରେ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜାତୀୟ ଶିକ୍ଷା *(ପୃଷ୍ଠା ୭ରେ)*

## ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଲା ଫୁଲବାଣୀ



ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ୨୨ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୪ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯିବା ସହ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, କନ୍ଧମାଳ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି । ଅନ୍ୟପକ୍ଷେ ରାଜ୍ୟରେ ଶୀତର ଲହରୀ ଜାରି ରହିଥିବା ବେଳେ ୧୦ ଡିଗ୍ରୀ ତଳେ ରାଜ୍ୟର ୫ ସହର ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଫୁଲବାଣୀରେ ତାପମାତ୍ରା ୭ ଡିଗ୍ରୀ ରହିବା ସହ ରାଜ୍ୟର ସବୁଠୁ ଥଣ୍ଡା ସହର ରହିଥିଲା।

ଅନ୍ୟପକ୍ଷେ ରାଉରକେଲାରେ ୭.୨ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ଝାରସୁଗୁଡ଼ା ୭.୭, ସୋନପୁର ୯, ଭବାନୀପାଟଣା ୯.୯, ସୁନ୍ଦରଗଡ଼ ୧୦.୨, କେନ୍ଦୁଝର ୧୦.୬ ଡିଗ୍ରୀ ରହିଥିଲା । ଭୁବନେଶ୍ୱରରେ ରାତି ତାପମାତ୍ରା ୧୩. ୨ ଏବଂ କଟକରେ ୧୩.୫ ଡିଗ୍ରୀ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମଙ୍ଗଳବାରଠାରୁ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ



ଖରାଦିନ ଆରମ୍ଭ ହୋଇନି
ଏବେଠାରୁ ପାଣି ଠପ
ସୁରୁଜ ଯେବେ ବଢେଇବେ ତାପ
କଣ ଯେ ହେବ ବାପ
ନିଜ କର୍ମ ଫଳରେ ଏ ଛାପ
ଆପଣା ସୁଖ ବଢିକି ଭାବିଲ
ଏବେ ନେଉଥାଅ ଜନେ ବାମ୍ଫ।

## ଦୟାନଦୀ ପାଣି ଦୂଷିତ

# ୪ ଜଣଙ୍କ ମୃତ୍ୟୁ ପରେ ବ୍ୟବହାର ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଦୟା ନଦୀର ପାଣି ସମ୍ପୂର୍ଣ୍ଣ ପ୍ରଦୂଷିତ, ଏହାକୁ ପାନୀୟ ଭାବେ ବ୍ୟବହାର ନକରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି। ଦୂଷିତ ପାନୀୟ ଜଳ ବ୍ୟବହାର କରି ଜିଲ୍ଲାର ବହୁ ଅଞ୍ଚଳରେ ଝାଡାବାନ୍ତି ରୋଗ ବ୍ୟାପିଥିବା ପରିପ୍ରେକ୍ଷୀରେ ସଚେତନତା ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଗତ ୧୫ ଦିନରେ ଜିଲ୍ଲାର କଣାସ ବ୍ଲକର ଗୋପୀନାଥପୁର ଏବଂ ଗଡିଶାଗୋଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅନେକ ଗାଁରେ ଡାଇରିଆ ବ୍ୟାପିବା ପରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନଦୀକୂଳର ଗ୍ରାମବାସୀମାନେ ଦୈନନ୍ଦିନ ବ୍ୟବହାର ପାଇଁ ଦୟା ନଦୀ ପାଣି ଉପରେ ନିର୍ଭର କରିଥାନ୍ତି। ଏହି ଦୂଷିତ ପାଣି ବ୍ୟବହାର କରିବା ଯୋଗୁ ସେମାନେ ଝାଡାବାନ୍ତି ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ପୁରୀ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୟାନଦୀ ପାଣିର ନମୂନା ପରୀକ୍ଷା ପାଇଁ ପଠାଯିବା ସହ ଏହାର ବ୍ୟବହାର ନକରିବାକୁ ସ୍ଥାନୀୟ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା।

ଦୟା ନଦୀର ପ୍ରଦୂଷିତ ପାଣି ପିଇବା ପରେ ସେମାନେ ସମସ୍ତେ ଝାଡାବାନ୍ତିରେ ପୀଡିତ ହୋଇ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା *(ପୃଷ୍ଠା ୭ରେ)*

# ଖଣିଜ ସମ୍ପଦରେ ଭରପୂର ରାଜ୍ୟ ଓଡ଼ିଶା ବାସ୍ତବରେ ରତ୍ନଗର୍ଭା

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଖଣିଜ ସମ୍ପଦରେ ଆମ ରାଜ୍ୟ ଭରପୂର ବାସ୍ତବରେ ଓଡ଼ିଶା ରତ୍ନଗର୍ଭା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କୋଣାର୍କଠାରେ ଆୟୋଜିତ ଖଣିମନ୍ତ୍ରୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି କେବଳ କେନ୍ଦୁଝର ନୁହେଁ, ଓଡ଼ିଶାର ଅନ୍ୟ ଅଞ୍ଚଳରେ ବି ଖଣିଜ ସମ୍ପଦ ମହଜୁଦ ରହିଛି ।

୨ ଦିନ ଧରି କୋଣାର୍କ ଇକୋ ରିଟ୍ରିଟରେ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୬ରୁ ଅଧିକ ରାଜ୍ୟର ଖଣିମନ୍ତ୍ରୀ ସାମିଲ ହୋଇଛନ୍ତି । ଦେଶବ୍ୟାପୀ ଦକ୍ଷ, ନିରାପଦ ଏବଂ ପରିବେଶ ଅନୁକୂଳ ଖଣି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସହଯୋଗକୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।




ଏହି ସମ୍ମିଳନୀରେ କେନ୍ଦ୍ର ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଓ ରାଜ୍ୟ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଯୋଗ ଦେଇ ରାଜ୍ୟ ଓ ଦେଶର ଆର୍ଥିକ ବିକାଶରେ ଖଣି ସମ୍ପଦର ସୁବିନିଯୋଗକୁ ସୁନିଶ୍ଚିତ କରିବା ଉପରେ ମତ ରଖିଥିଲେ। *(ପୃଷ୍ଠା ୭ରେ)*

# ଆର୍‌ଜି କର ଦୁଷ୍କର୍ମ ହତ୍ୟା ମାମଲା: ଦୋଷୀ ସଞ୍ଜୟଙ୍କୁ ମିଳିଲା ଆଜୀବନ କାରାଦଣ୍ଡ



କୋଲକାତା, ୨୦।୧

ସମଗ୍ର ଦେଶକୁ ଦୋହଲାଇ ଦେଇଥିବା କୋଲକାତା ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ କୋର୍ଟ ସୋମବାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରଏକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପଶ୍ଚିମବଙ୍ଗର ସିଆଲଦା କୋର୍ଟ ସୋମବାର ଏହି ରାୟ ଶୁଣାଇଛନ୍ତି । ଏହା ସହିତ କୋର୍ଟ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି। କୋର୍ଟ ରାୟ ଦେବା ପୂର୍ବରୁ ମୃତକଙ୍କ ବାପା ଦୋଷୀକୁ ସର୍ବାଧିକ ଦଣ୍ଡ ଦେବାକୁ ଦାବି କରିଥିଲେ।

ସିଆଲଦା କୋର୍ଟର ବିଚାରପତି ଜାନୁଆରୀ ୧୮ ତାରିଖରେ ସ୍ପଷ୍ଟ କରିସାରିଥିଲେ ଯେ ଏହି ମାମଲାରେ ସର୍ବାଧିକ ଦଣ୍ଡ ମୃତ୍ୟୁଦଣ୍ଡ ଓ ସର୍ବନିମ୍ନ ଦଣ୍ଡ ଆଜୀବନ କାରାଦଣ୍ଡ ହେବ। ଏହା ପରେ ମୃତ ଡାକ୍ତରଙ୍କ ପରିବାର ସହିତ *(ପୃଷ୍ଠା ୭ରେ)*

# ଭରଣପୋଷଣ ମାମଲାରେ ପିତାମାତା ଆଇନଜୀବୀଙ୍କ ସାହାଯ୍ୟ ନେଇପାରିବେ

ନୂଆଦିଲ୍ଲୀ, ୨୦।୧

ଦୀର୍ଘ ଦିନ ଧରି ବିରୋଧ ପରେ ସରକାର ନୂଆ ଆଇନ ଆଣିବାକୁ ଯାଉଛନ୍ତି। ନୂଆ ଆଇନ କାର୍ଯ୍ୟକାରୀ ହେଲେ ବୃଦ୍ଧ ପିତାମାତା ସେମାନଙ୍କ ପିଲାମାନଙ୍କଠାରୁ ଭରଣପୋଷଣ ନେବା ମାମଲାରେ ଜଣେ ଆଇନଜୀବୀଙ୍କ ସାହାଯ୍ୟ ନେଇପାରିବେ। ବୃଦ୍ଧ ପିତାମାତାଙ୍କ ଭରଣପୋଷଣ ପାଇଁ ପ୍ରସ୍ତୁତ ଆଇନରେ ଆଇନଜୀବୀଙ୍କ ଉପରେ ଥିବା ପ୍ରତିବନ୍ଧକକୁ ହଟାଇବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। କିନ୍ତୁ ସରକାର ଏହା ମଧ୍ୟ ଚାହୁଁଛନ୍ତି ଯେ, ଆଇନର ମୌଳିକ ଉଦ୍ଦେଶ୍ୟ ଯେପରି ପ୍ରଭାବିତ ହେବନାହିଁ।

ସୂଚନାନୁସାରେ, 'ପିତାମାତାଙ୍କ ଭରଣପୋଷଣ ଏବଂ କଲ୍ୟାଣ ତଥା ପିତାମାତା ଓ ବରିଷ୍ଠ ନାଗରିକ ଅଧିନିୟମ' ଅନୁଯାୟୀ ବରିଷ୍ଠ ନାଗରିକଙ୍କ ମାମଲା ଟ୍ରିବ୍ୟୁନାଲରେ ଆଇନଜୀବୀମାନଙ୍କୁ ଅନୁମତି ଦେବାକୁ ଏକ ପ୍ରସ୍ତାବ ଉପରେ ବିଚାର କରାଯାଉଛି। କିନ୍ତୁ ଯେଉଁ ପିଲାମାନଙ୍କ ବିରୋଧରେ ମାମଲା ଦାଏର କରାଯିବ ସେମାନଙ୍କୁ ଆଇନଜୀବୀଙ୍କ ସହାୟତା ନେବାକୁ ଅନୁମତି ଦିଆଯିବ ନାହିଁ।



ଏହି ପରିବର୍ତ୍ତନ ଅଣାଯାଉଛି କାରଣ ଏହା ଦେଖାଯାଉଛି ଯେ, ଅନେକ ଥର ବୃଦ୍ଧ ପିତାମାତା ଏବଂ ବରିଷ୍ଠ ନାଗରିକମାନେ ଟ୍ରିବ୍ୟୁନାଲ ସମ୍ମୁଖରେ ସେମାନଙ୍କର ମତାମତକୁ ସଠିକ ଭାବରେ ଉପସ୍ଥାପନ କରିବାକୁ ସକ୍ଷମ ହେଉ ନାହାନ୍ତି । ସେମାନଙ୍କୁ ସେମାନଙ୍କ ପ୍ରତି ପିଲାମାନଙ୍କର ଅବହେଳା ଏବଂ ଅତ୍ୟାଚାର ପ୍ରମାଣ କରିବା କଷ୍ଟକର ହୋଇପଡୁଛି।

ଏହି ନୂଆ ଆଇନ ଦ୍ୱାରା ଆଇନଜୀବୀଙ୍କ ସହାୟତାରେ ବୃଦ୍ଧ ପିତାମାତାମାନେ ସେମାନଙ୍କର ଦାବିକୁ ଦୃଢ ଭାବରେ ଉପସ୍ଥାପନ କରିପାରିବେ ଏବଂ ଭରଣପୋଷଣ ଭତ୍ତା ପାଇପାରିବେ ବୋଲି ଅନୁମାନ କରାଯାଉଛି । *(ପୃଷ୍ଠା ୭ରେ)*

## ନିଜ ନାଗରିକଙ୍କ ଉପରେ ଗୁଳି ବର୍ଷା କରୁଛି ପାକିସ୍ତାନୀ ସେନା

ଇସଲାମାବାଦ, ୨୦।୧

ଖାଇବର ପାସ୍ତୁନଖ୍ୱାର କୁର୍ରମ ଅଞ୍ଚଳରେ ପାକିସ୍ତାନୀ ସେନା ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛି। କୁହାଯାଉଛି ଯେ, ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ନିର୍ଦ୍ଦେଶରେ ବହୁ ସଂଖ୍ୟକ ସୈନିକ ଅସ୍ତ୍ରଶସ୍ତ୍ର ସହିତ କୁର୍ରମ ଅଞ୍ଚଳରେ ପହଞ୍ଚିଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ସେନା ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିବା ପାଇଁ ବହୁ ପରିମାଣରେ ତୋପ ବ୍ୟବହାର କରୁଛି।

କୁର୍ରମ ଜିଲ୍ଲାର ବାଗାନ, ମାଣ୍ଡୋରି, ଚାପରି ଏବଂ ଚାପରି ପଡାଭ ଆଦି ୪ଟି ଗାଁରେ ଏହି ସାମରିକ ଅପରେସନ ଚାଲିଛି। ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଥିବା ପେରାଚିନାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟ ଗତ ତିନି ମାସ ଧରି ବନ୍ଦ ରହିଛି।

ପାକିସ୍ତାନର ଏହି କୁର୍ରମ ଅଞ୍ଚଳରେ ଗତ କିଛି ଦଶନ୍ଧି ଧରି *(ପୃଷ୍ଠା ୭ରେ)*

# ଭାରତରୁ ବ୍ରିଟେନ ନେଇଯାଇଛି ୬୪ ଲକ୍ଷ ୮୨ ହଜାର କୋଟି ଡଲାରର ସମ୍ପତ୍ତି



ନୂଆଦିଲ୍ଲୀ, ୨୦।୧

୧୭୬୫ରୁ ୧୯୪୭ ଯାଏ ବ୍ରିଟେନ ଶାସନରେ ରହିଥିଲା ଭାରତ। ଦୀର୍ଘ ୨୦୦ ବର୍ଷ ଧରି ଇଂରେଜମାନେ ଆମକୁ ଶାସନ କରୁଥିଲେ। ତେବେ ୧୭୬୫ରୁ ୧୯୦୦ ମସିହା ଯାଏ ଉପନିବେଶବାଦ ଶାସନ ସମୟରେ ଇଂରେଜମାନେ ଭାରତରୁ ପ୍ରାୟ ୬୪.୮୨ ଟ୍ରିଲିୟନ ଡଲାରର ବା ୬୪ ଲକ୍ଷ ୮୨ ହଜାର କୋଟି ଡଲାର ନେଇ ଯାଇଛନ୍ତି। ଏହା ମଧ୍ୟରୁ ୩୩.୮ ଟ୍ରିଲିୟନ ଡଲାର ବ୍ରିଟେନର ୧୦% ଧନୀଙ୍କ ପକେଟକୁ ଯାଇଛି।

ଭାରତରୁ ଇଂରେଜମାନେ ନେଇ ଯାଇଥିବା ଟଙ୍କାର ପରିମାଣ ଏତେ ଥିଲା ଯେ ଯଦି ଏହାକୁ ବ୍ରିଟେନର ୫୦ ପାଉଣ୍ଡର ନୋଟରେ ପରିଣତ କରାଯାଏ, ତାହେଲେ ପୂରା ଲଣ୍ଡନରେ ୪ ଥର ନୋଟର କାରପେଟ ବିଛା ଯାଇପାରିବ।

ଅକ୍ସଫାମ ଇଣ୍ଟରନ୍ୟାସନାଲର ନୂଆ ରିପୋର୍ଟରେ ଏପରି କୁହାଯାଇଛି। ବିଶ୍ୱ ଅର୍ଥନୈତିକ ଫୋରମର ବାର୍ଷିକ ବୈଠକର ପ୍ରଥମ ଦିନରେ ଏପରି ରିପୋର୍ଟ ପ୍ରତିବର୍ଷ ଜାରି କରାଯାଇଥାଏ। ଏହି ରିପୋର୍ଟର ଶୀର୍ଷକ, ରଖାଯାଇଛି ସମଗ୍ର ବିଶ୍ୱରେ ଥିବା ଧନୀ ଓ ଶକ୍ତିଶାଳୀ ଲୋକଙ୍କ ବାର୍ଷିକ ବୈଠକର କିଛି ଘଣ୍ଟା ପୂର୍ବରୁ ଡାଭୋସରେ ଏହାକୁ ସାର୍ବଜନୀନ କରାଯାଇଛି।

ଏହି ରିପୋର୍ଟରେ *(ପୃଷ୍ଠା ୭ରେ)*

## ୨୪ରୁ ପ୍ରଧାନମନ୍ତ୍ରୀ ଆବାସ ସର୍ଭେ

# ବାପାଠୁ ଭିନ୍ନେ ହୋଇଥିବା ପୁଅ, ସ୍ୱାମୀଠୁ ଅଲଗା ହୋଇଥିବା ସ୍ତ୍ରୀଙ୍କୁ ବି ମିଳିବ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆସନ୍ତା ୨୪ ତାରିଖରୁ ପ୍ରଧାନମନ୍ତ୍ରୀ ଆବାସ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ସର୍ଭେ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ହିତାଧିକାରୀ ଅଫଲାଇନ ଓ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଏହି ପୋର୍ଟାଲକୁ ୨୪ ତାରିଖରେ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଲଞ୍ଚ କରିବେ। ଦେଢ଼ମାସରୁ ୨ ମାସ ଆବାସ ସର୍ଭେ କାର୍ଯ୍ୟ ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସରକାର ଆବାସ ସଂଖ୍ୟା ୨ରୁ ୩ କୋଟିକୁ ବଢ଼ାଇଛନ୍ତି। ଏଥିଯୋଗୁ ଓଡ଼ିଶାକୁ ଅଧିକ ଆବାସ ମିଳିବା ନେଇ ଆଶା କରାଯାଉଛି। ବାପାଠୁ ଭିନ୍ନେ ହୋଇଥିବା ପୁଅ, ସ୍ୱାମୀଠୁ ଅଲଗା ହୋଇଥିବା ସ୍ତ୍ରୀ ଆବାସ ପାଇଁ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ଲୋକ ବି ନୂଆ ଆବେଦନ କରିପାରିବେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ସମସ୍ତ ଜିଲାପାଳମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନାର ସର୍ଭେ ପ୍ରକ୍ରିୟା *(ପୃଷ୍ଠା ୭ରେ)*

प्रधान मंत्री आवास योजना
Pradhan Mantri Awas Yojana



# ବାରିପଦାରେ ପ୍ରଥମ ଥର ଗ୍ରାଣ୍ଡ ସୂର୍ଯ୍ୟନମସ୍କାର ଚାଲେଞ୍ଜ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ଦେବେନ୍ଦ୍ରପୁର ସ୍ଥିତ ପ୍ରେମକାଳ ଯୋଗ ମନ୍ଦିର ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ବାରିପଦା କ୍ଲବ ପ୍ରାଙ୍ଗଣରେ ମୟୂରଭଞ୍ଜରେ ପ୍ରଥମଥର ଏକ ଶହ ଆଠ ରାଉଣ୍ଡ (ଦୁଇ ଶହ ଷୋହଳ ଥର)ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଯୋଗୀରାଜ ରାକେଶ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଚିନ୍ମୟ ମିଶନ ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସମ୍ମାନୀୟ ଅତିଥି ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ଡା ନିରୋଜ ପୁଥାଳ, ଡା. ଦିଲ୍ଲୀପ ପଣ୍ଡା, ରୋଟରୀୟାନ ରାକେଶ ସିଂ ଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରିଥିଲେ । ସଚ୍ଚିଦାନନ୍ଦ ଗୁରୁକୁଳର ଅଧ୍ୟକ୍ଷ ଅଜିତ କୁମାର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ମୟୂରଭଞ୍ଜ କ୍ରୀଡ଼ା ସଂସଦର ସମ୍ପାଦକ ବିଜୟ ଦାସ, ସହ ସମ୍ପାଦକ ଅମର ସେଠୀ, ଓ.ଆର.ଡି ସଂସ୍ଥାର ଅଧ୍ୟକ୍ଷ ସାଇ ପ୍ରକାଶ ମହାନ୍ତି, ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟର ଟ୍ରଷ୍ଟି ଉର୍ମିଳା ବେହେରା, ବିରଞ୍ଚି ନାରାୟଣ ବେହେରା, ସବ୍ୟସାଚୀ ପଲେଇ ପ୍ରତିଯୋଗିତା ମାନଂକୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଅନ୍‌ଲାଇନ ମଧ୍ୟମରେ ନେପାଳ, ରାଜସ୍ଥାନ ଓ ଉତ୍ତରପ୍ରଦେଶର ବହୁ ପ୍ରତିଯୋଗୀ ଭାଗ ନେଇଥିଲା ବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ବହୁ ସଦସ୍ୟ ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨୫ ତାରିଖ ଦିନ ବାର୍ଷିକ ଉତ୍ସବର ଉଦ୍‌ଯାପିତ ଦିବସରେ କର୍ଣ୍ଣାଟକର ବିଖ୍ୟାତ ଯୋଗଗୁରୁ କରୁଣାକର ଉପାଧ୍ୟାୟ ଯୋଗ ଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିବେ ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି, ଇଞ୍ଜିନିୟର ବିଜୟ ସାହୁ, ଓମ୍ ପ୍ରକାଶ ସାହୁ, ସଂଜିତ ମହାନ୍ତ, ଚିତ୍ରସେନ ମହାନ୍ତ, ସୁଶାନ୍ତ ମହାନ୍ତ, ପଦ୍ମନାଭ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୌମ୍ୟ ରଞ୍ଜନ ମହାନ୍ତ, ଚିନ୍ମୟ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ଯାଦବ ମହାସଭା ସଭାପତି ହେଲେ ଲକ୍ଷ୍ମଣ ବାଗ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କିଛି ଦିନ ପୂର୍ବରୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉତ୍କଳ ଯାଦବ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ମନୋନୀତ ହୋଇଥିବା ବେଳେ ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲା ଯାଦବ ମହାସଭା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହା ପୂର୍ବରୁ ରାଜ୍ୟ ମହାସଭା ଓ ଜିଲ୍ଲା ମହାସଭା ଯାଦବ ସମାଜର ବିଭିନ୍ନ ଦାୟିତ୍ୱ ତୁଲାଇ ଆସୁଥିଲେ । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଜିଲ୍ଲା ଯାଦବ ମହାସଭା ସଭାପତି ହୋଇଥିବାରୁ ଜିଲ୍ଲାସ୍ତର ଖୁସୀ ଲହରୀ ଦେଖିବାକୁ ମିଳିଛି । ଜିଲ୍ଲାର ବିଭିନ୍ନ ମଣ୍ଡଳ ଓ ଜୋନ ତଥା ବ୍ଲକସ୍ତରୀୟ ଯାଦବ ସମାଜ ଶାଖା ତରଫରୁ ଜିଲ୍ଲା ସଭାପତି ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ବାଗ ସମାଜ ତରଫରୁ ତାଙ୍କୁ ଏହି ଦାୟିତ୍ୱ ଦେଇଥିବାରୁ ଯାଦବ ସମାଜ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଯାଦବ ସମାଜ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ପୂରଣ କରିବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି ।



# ଡି.ଆଇ.ଇ.ଟି.ରେ ଅଷ୍ଟମ କ୍ଲଷ୍ଟର ସ୍ତରୀୟ ଅଭିମୁଖୀକରଣ ବୈଠକ




**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟ ପକ୍ଷରୁ ପ୍ରତିମାସ ଭଳି ଚଳିତ ମାସ ମଧ୍ୟ ଅଭିମୁଖୀକରଣ ବୈଠକ ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସର୍ବପ୍ରଥମେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଦିଗପହଣ୍ଡି ବ୍ଲକରେ କାର୍ଯ୍ୟରତ ସିଆରସିସି ଶ୍ରୀକାନ୍ତ କୁମାର ସାମନ୍ତରାୟ ସୁଲଳିତ କଣ୍ଠରେ ଭକ୍ତି ରସାତ୍ମକ ଭଜନ ପରିବେଷଣ କରିଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ବୈଠକରେ ଯୋଗଦାନ କରି ଗତ କିଛିଦିନ ତଳେ ପ୍ରତିଷ୍ଠାନରେ ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଶୈକ୍ଷିକ ବିକାଶ ଉଦ୍ଦେଶ୍ୟରେ ସାମାଜିକ ଆବେଗିକ ନୈତିକ ଶିକ୍ଷା (ସିଲ୍) ଶୀର୍ଷକ ଉପରେ ଆୟୋଜିତ ପାଠଚକ୍ର ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଏତଦ୍‌ବ୍ୟତୀତ ଶିକ୍ଷକଙ୍କୁ ପ୍ରେରଣା ପ୍ରଦାନ, ପ୍ରୋତ୍ସାହନ ସହିତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ କିଭଳି ଶ୍ରେଣୀରେ ଶିକ୍ଷାଦାନ କରିପାରିବେ, ସେନେଇ ବକ୍ତବ୍ୟରେ ମତପ୍ରକାଶ କରିଥିଲେ । ବିଦ୍ୟାଳୟରରେ ଏଫ୍.ଏଲ୍.ଏନ୍. କର୍ଣ୍ଣର, ଶ୍ରେଣୀ କକ୍ଷରେ ଛାତ୍ର ଛାତ୍ରୀମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟ ପ୍ରକାଶ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ବିଦ୍ୟାଳୟ ଠାରୁ କ୍ଲଷ୍ଟର ପର୍ଯ୍ୟନ୍ତ ଶିକ୍ଷକ, ସିଆରସିସିଙ୍କ ଗୁରୁଦାୟିତ୍ୱ ବିଷୟରେ ବୁଝାଇଥିଲେ । ସମଗ୍ର ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବ୍ଲକର ସିଆରସିସିଙ୍କ ଅଭିମୁଖୀକରଣ ବୈଠକ ହୋଇଥିଲା । ବୈଠକରେ କ୍ଲଷ୍ଟର ସ୍ତରୀୟ ବୈଠକର ରିପୋର୍ଟ ଲିଖନ ଉପରେ ଆଲୋକପାତ କରିଥିଲେ । ବୈଠକରେ ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା, ସୁକୁଲେଇ ଟୁଡୁ, ଜିତେନ୍ଦ୍ର କୁମାର ପଣ୍ଡା, ପ୍ରଶିକ୍ଷିକା ପ୍ରଜ୍ଞା ପରମିତା, ଲିପି ଶ୍ରୀ ଦେବୀ, ସରୋଜିନୀ ମିଶ୍ର, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ପ୍ରଶାସନିକ ଅବହେଳାରୁ ସିଡିଏରେ ୨ ମେଗା ପ୍ରକଳ୍ପ ବନ୍ଦ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଲୋକଙ୍କ ଉଦ୍ଦେଶ୍ୟରେ ନବୀକରଣ କଲେ ପୂର୍ବ ସରକାର ହେଲେ ଲୋକଙ୍କ କାମରେ ଆସୁନି ପ୍ରକଳ୍ପ । ପ୍ରଶାସନିକ ଓ ସରକାରଙ୍କ ଅବହେଳାରୁ ବନ୍ଦ ପଡ଼ିଛି । ସିଡିଏ ଦ୍ୱାରା ପରିଚାଳିତ ଦୁଇଟି ମେଗା ପ୍ରକଳ୍ପକୁ ନେଇ ତେଜୁଛି ଜନ ଅସନ୍ତୋଷ । ନେତାଜୀ ଜନ୍ମସ୍ଥାନକୁ ଲାଗୁ ହୋଇଥିବା ବାଖ୍ୟାନ କେନ୍ଦ୍ର ଉଦ୍‌ଘାଟନ ପରେ ମଧ୍ୟ ବନ୍ଦ ପଡ଼ିଛି । ରାଜନୈତିକ ଉଦ୍ଦେଶ୍ୟର ଅଧାପନ୍ତରିଆ ଅବସ୍ଥାରେ କେନ୍ଦ୍ରମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଦେଲେ । ସେହିପରି ୨୦୨୩ ନଭେମ୍ବରରୁ ନବୀକରଣ ପାଇଁ ବନ୍ଦ ରହିଛି ସିଡିଏ ସେକ୍ଟର ୧୩ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ । ପ୍ରତିଦିନ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସୁଥିବାବେଳେ ପ୍ରକଳ୍ପ ବନ୍ଦ ଯୋଗୁଁ ନିରାଶ ହୋଇ ଫେରୁଛନ୍ତି । ତୁରନ୍ତ ଏହି ଦୁଇଟି କେନ୍ଦ୍ର ଖୋଲିବା ସହ ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତି ପାଇଁ ଦାବି କରିଛି କଂଗ୍ରେସ । ପୂର୍ବ ସରକାରଙ୍କ ସମୟରେ ଏହାର ନବୀକରଣ ପାଇଁ ଯୋଗାଇ ଦିଆଯାଇଥିଲା ଅର୍ଥ । ଓଡ଼ିଆ ବଜାର ପୁରୁଣା ଜେଲ୍ ନିକଟରେ ବାଖ୍ୟାନ କେନ୍ଦ୍ର ୨୨ କୋଟି ବ୍ୟୟ ଅଟକଳ ଓ ୨୪ କୋଟି ଅଟକଳରେ ବିଜୁ ପଟ୍ଟନାୟକ ପାର୍କ ନବୀକରଣ ପାଇଁ କେନ୍ଦ୍ରୀୟ ଅନୁମତି ପ୍ରାପ୍ତ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା । ତେବେ ଏଜେନ୍ସି ଏକାଧିକ ସବ୍ ଏଜେନ୍ସିକୁ ଲଗାଇ ଏହି ପ୍ରୋଜେକ୍ଟ କରୁଛି । ଦୁଇଟି ପ୍ରକଳ୍ପର କାମ ଏକପ୍ରକାର ଶେଷ ହୋଇଛି । ତେଣୁ ଅନୁଧ୍ୟାନ ପରେ ଚଳିତମାସ ଶେଷ ସୁଦ୍ଧା ଏହା ଖୋଲାଯିବ ବୋଲି କହିଛନ୍ତି ସିଡିଏ ଅପାଧ୍ୟକ୍ଷ ।

# ମାଗଣା ସ୍ୱାସ୍ଥ୍ୟ ସେବା : ୪୦୦ରୁ ଉର୍ଦ୍ଧ୍ୱ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତୀ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ସଚେତନତା ଆଣିବା ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ଉପକଣ୍ଠ ସ୍ଥାନୀୟ ଆର୍ଯ୍ୟପଲ୍ଲୀ ପଞ୍ଚାୟତସ୍ଥିତ ସାନ ଆର୍ଯ୍ୟପଲ୍ଲୀପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଜୟ କୁମାର ପଣ୍ଡା, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଗଞ୍ଜାମ ଏହି ସ୍ୱାସ୍ଥ୍ୟ ଶିବିରକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ସନ୍ଦୀପ ଜୈଶ୍ୱାଲ, ବିଜନେସ୍ ମୁଖ୍ୟ, ଗୋପାଳପୁର ବନ୍ଦର, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧକାର୍ଯ୍ୟକ୍ରମକୁ ସାରା ଭାରତ ବର୍ଷରେ ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ କରାଯାଏ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟ କୁମାର ପଣ୍ଡା, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଗଞ୍ଜାମ କହିଥିଲେ ଯେ ଆଦାନୀ ଫାଉଣ୍ଡେସନ ଏହାର ପ୍ରଥମ ସ୍ୱାସ୍ଥ୍ୟ ଶିବିର ଆରମ୍ଭ କରିଛି ଏଥିପାଇଁ ମୁଁ ସାଧୁବାଦ ଜଣାଉଛି । ଏହି ପ୍ରୟାସ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସେମାନେ ଦୃଢ ପ୍ରତିଶୃତିବଦ୍ଧ ବୋଲି ଅନୁଭବ କରୁଛି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଆମ ଲୋକମାନଙ୍କ ଅନନ୍ୟ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହିପରି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ମୁଁ ଆଶାକରୁଛି ଆଗାମୀ ଦିନରେ ଆଦାନୀ ଫାଉଣ୍ଡେସନ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିବା ସହ ଗୁଣାତ୍ମକମାନର ଔଷଧ ଯୋଗାଇବା ପ୍ରତି ଧ୍ୟାନ ଦେବ ।



ସନ୍ଦୀପ ଜୈଶ୍ୱାଲ, ବିଜନେସ୍ ମୁଖ୍ୟ, ଗୋପାଳପୁର ବନ୍ଦର, କହିଥିଲେ ଯେ, ଆମେ ବିଶ୍ୱାସ କରୁ ଯେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଆମ ଜନଗୋଷ୍ଠୀଙ୍କର ଉନ୍ନତ ସ୍ୱାସ୍ଥ୍ୟ ଏବଂ ଉତ୍ତମ ସହାବସ୍ଥାନ ନିଶ୍ଚିତ କରାଇବା ଏକ ମୌଳିକ ଆବଶ୍ୟକ ଅଟେ । ସୁସ୍ଥ ସମାଜ ଏବଂ ସୁସ୍ଥ ଜୀବନଶୈଳୀ ଉପଲବ୍ଧ କରାଇବା ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଏହି ସ୍ୱାସ୍ଥ୍ୟ ଶିବିର ଏକ ଛୋଟ ପଦକ୍ଷେପ । ମୁଁ ଲୋକମାନଙ୍କୁ ଅନୁରୋଧ କରୁଛି ଏହି ଶିବିରର ଲାଭ ଉଠାନ୍ତୁ ଏବଂ ଅଧିକରୁ ଅଧିକ ଲୋକ ଯେଉଁମାନେ ଏହାକୁ ଅଧିକ ଆବଶ୍ୟକ କରନ୍ତି ସେମାନେ ଏହି ଶିବିର କୁ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରଙ୍କ ସହ ପରାମର୍ଶ କରିପାରିବେ । ଏହି ଶିବିରରେ ବିଶିଷ୍ଟ ଚିକିତ୍ସକ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କୀୟ ପରାମର୍ଶ ଦିଆଯାଇଥିଲା । ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମକେସିଜି)ବଡ ମେଡିକାଲ୍ କଲେଜର ଅଭିଜ୍ଞତା ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ ଏହି ସ୍ୱାସ୍ଥ୍ୟସେବା ଶିବିରରେ ଯୋଗଦେଇ ଗ୍ରାମବାସୀଙ୍କୁ ଅତ୍ୟାଧୁନିକ ପ୍ରଣାଳୀରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମଧୁମେହ, ଅସ୍ଥି ପରୀକ୍ଷଣ, ରକ୍ତଚାପ, ନମୁନା, ପରିକ୍ଷଣ, ଓଜନ ତଥା ଉଚ୍ଚତା ମାପ ଆଦି କରାଯାଇଥିଲା । ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଏବଂ ସାଧାରଣ ଚିକିତ୍ସକ ବିଭାଗର ଦକ୍ଷ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗର ନିରୂପଣ ପରୀକ୍ଷା ଓ ପରାମର୍ଶ ଇତ୍ୟାଦି କରାଯିବା ସଙ୍ଗେ ସଙ୍ଗେ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଏହି ଶିବିରରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଶିଶୁ, ମହିଳା ଓ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷଣ କରିବା ସହ ଡାକ୍ତରଙ୍କ ସହ ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପରାମର୍ଶ କରିଥିଲେ । ସ୍ଥାନୀୟ ଗ୍ରାମବାସୀ କିପରି ଏହି ସ୍ୱାସ୍ଥ୍ୟ ଶିବିରରୁ ଉପକୃତ ହୋଇପାରିବେ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ଡାକବାଜି ଜନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା । ହିତାଧିକାରୀମାନେ ସେମାନଙ୍କ ଘର ନିକଟରେ ଏଭଳି ଏକ ବ୍ୟାପକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିବାରୁ ଆଦାନୀ ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଛନ୍ତି । ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ବେହେରା ତଥା ଅନ୍ୟାନ୍ୟ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀ ଆଦାନୀ ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଆୟୋଜନ କରିବା ପାଇଁ ଅନୁରୋଧ କରିଥିଲେ । ବନ୍ଦରର ବହୁ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଯୋଗ ଦେଇ ଏହି ଶିବିରର ସଫଳ ପରିଚାଳନା କରିଥିଲେ ।

# ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ ଉଦ୍‌ଯାପନ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଉତ୍ସବ ସମାପ୍ତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି । ଉତ୍ସବର ପ୍ରଥମ ଦିନରେ ବାର୍ଷିକ କ୍ରୀଡ଼ା ଆୟୋଜନ ହୋଇଥିଲା । ଏହାକୁ ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା ଉଦ୍‌ଘାଟନ କରିଥିଲେ । ଏହାପରେ କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ବେହେରା କ୍ରୀଡ଼ା ପରିଚାଳନା କରିଥିଲେ । ପ୍ରଥମ ଦିନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଦ୍ୱିତୀୟ ଦିନରେ ସବୁ ପ୍ରତିଯୋଗିତାର ଫାଇନାଲ ହୋଇଥିଲା । ଏହାପରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଧାନଶିକ୍ଷକ ପବିତ୍ର ମୋହନ ମହାନ୍ତି ସଭାରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଶଶିଭୂଷଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଧାମନଗର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟ ସୁନ୍ଦର ପରିଡ଼ା ଯୋଗଦେଇଥିଲେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅତ୍ୟାଧୁନିକ ପଦ୍ଧତିରେ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ପିଲାମାନେ ବୃତ୍ତିଗତ ଶିକ୍ଷା ଓ ବ୍ୟବହାରିକ ଜ୍ଞାନ ଆହରଣ ପାଇଁ ପରାମର୍ଶ ଦେଇଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଆନନ୍ଦ ପୁରର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ବଖାଣିଥିଲେ । ଆୟୋଜିତ ସଭାରେ ପୂର୍ବତନ ଶିକ୍ଷକ ବୃନ୍ଦାବନ ମହାନ୍ତି, ଖଡ଼ି ପଦା ସିଆରସିସି ଦେବବ୍ରତ ନାୟକ, ସୂର୍ଯ୍ୟକାନ୍ତ ସାହୁ, ସ୍କୁଲ କମିଟି ସଭାପତି ଶ୍ରୀକାନ୍ତ ମିଶ୍ର, ଶିକ୍ଷକ ମଦନମୋହନ ପାଣିଗ୍ରାହୀ ଯୋଗ ଦେଇଥିଲେ ।

# କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କଣ୍ଟାବାଞ୍ଜି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଚଳିତ ମାସର କଣ୍ଟାବାଞ୍ଜି ସହରାଞ୍ଚଳ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ତାଲିମ୍‌ରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରି ଥିଲେ । ତୁରେକେଲା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି ଦୀପ ପ୍ରଜ୍ୱୋଳନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିଭାଷଣ ଦେଇ ଥିଲେ । ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ବିଷୟ ବସ୍ତୁ, ମାନ ନିର୍ଦ୍ଧାରଣ ଫର୍ଦ୍ଦ ପୂରଣ, ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ଆପାର୍ ଆଇଡି ଖୋଲିବା ଇତ୍ୟାଦି ଆଲୋଚନା ହୋଇଥିଲା । ଏହି ବୈଠକରେ ପ୍ରଧାନ ଶିକ୍ଷକ ଅଶୋକ ତରିଆ ଶିକ୍ଷୟିତ୍ରୀ ଅଞ୍ଜଳୀ ମାଝୀ, ସବିତା ମହାପାତ୍ର, ସ୍ୱର୍ଣ୍ଣଲତା ଦାସ, ସବିତା ରଣା, ସୁଭାଷିନୀ ମେହେର, ସଂଘ ମିତ୍ରା ପାଣିଗ୍ରାହୀ, ଜୟନ୍ତୀ ଷଡ଼ଙ୍ଗୀ, ଲାବଣ୍ୟ ବତି ଧରୁଆ, ସୁରେନ୍ଦ୍ର ମାଝୀ, ସୁନନ୍ଦା ପୁରୋହିତ, ସବିତା ରଣା, ବୀଣାପାଣି ଦାସ, କୁସୁମ ମଞ୍ଜରି ନାଗ, ନିରୁପମା ମିଶ୍ର, ଶାନ୍ତି ଲତା ଭୋଇ, ମୁକ୍ତ ବେଜ୍, ଯଶୋଦା ବିଡ଼ିକା, ଭାରତୀ ସାହୁ, ସଚ୍ଚିଦାନନ୍ଦ ପାତ୍ର, ସୁଜାତା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



# ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଅଧ୍ୟକ୍ଷା ପଦ୍ମାଳୟା ଦାଶଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ମହାନ୍ତି ମୁଖ୍ୟ ଅତିଥି, ଅଧ୍ୟାପକ ଦୁତିଦୁଲାର ରାଉତ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁରେନ୍ଦ୍ର କୁମାର ବାରିକ ଯୋଗ ଦେଇ ବାଳିକା ଆତ୍ମରକ୍ଷା ତାଲିମ ଶିବିରର ଲକ୍ଷ୍ୟ ମତ ଉପସ୍ଥାପନ କରିଥିଲେ । ପ୍ରଶିକ୍ଷିକା ଭାବେ ମୋନାଲିସା ନନ୍ଦ ଓ ଆଦ୍ୟାଶା ଲେଙ୍କା ତାଲିମ ବିଷୟରେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ସଂଯୋଜିକା ଅଧ୍ୟାପିକା ରାଜସ୍ୱିୟା ମିଶ୍ର ସପ୍ତାହ ବ୍ୟାପୀ ଚାଲିଥିବା ଏହି ତାଲିମ ଦ୍ୱାରା ଛାତ୍ରୀମାନେ ନିଜକୁ କିପରି ରକ୍ଷା କରିପାରିବେ ତାହା ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମିନାକ୍ଷୀ ଲେଙ୍କା, ଦିପକ କୁମାର ମିଶ୍ର, ମମତା ମରୀ ମହାନ୍ତି, ପ୍ରତିମା ପୁହାଣ, ମନୋଜ କୁମାର ବାରିକ, ସଂଜୟ କୁମାର ହୋତା, ଗାୟତ୍ରୀ ଦାସ,ସମୀର ରନ ବାରିକ ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିବା ବେଳେ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଞ୍ଜିପଥର ନଗର ବନ ଉଦ୍‌ଘାଟିତ



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜିରୁ ବଙ୍ଗୋମୁଣ୍ଡା ଯାଉଥିବା ରାସ୍ତା ପୁଞ୍ଜିପଥର ନିକଟରେ ବନ ବିଭାଗ ପକ୍ଷରୁ ନଗର ବନ ତିଆରି କରାଯାଇଛି । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟିତ କରିଛନ୍ତି । ବଲାଙ୍ଗୀର ଡିଏଫ୍‌ଓ ସୁଦର୍ଶନ ବେହେରା ମଧ୍ୟ ଉପସ୍ଥିତ ଥିଲେ । ଏହି ନଗର ବନରେ ଲୋକଙ୍କ ବୁଲିବା ପାଇଁ ପାର୍କ କରାଯାଇଥିବା ବେଳେ ଓପନ ଜିମ୍ ମଧ୍ୟ ରହିଛି । ବିଧାୟକ ଏହି ନଗର ବନରେ ଏକ ପିଜୁଳି ଗଛ ଲଗାଇଥିଲେ । ତେବେ ଗଛ ଲଗାଇବା ସମୟରେ ବିଧାୟକ ରେଞ୍ଜରଙ୍କ ହାତରୁ କୋଦାଳ ନେଇ ନିଜେ ମାଟି ଖୋଳିଥିଲେ । ଅନ୍ୟ ପକ୍ଷରେ ବିଧାୟକ ଓପନ ଜିମରେ କିଛି ସମୟ ବ୍ୟାୟାମ କରିଥିବା ଦେଖିବାକୁ ମିଳିଥିଲା । ବିଧାୟକ ଏଭଳି କରିଥିବା ଦେଖି ବନ ବିଭାଗ ଅଧିକାରି ଏବଂ ଜନସାଧାରଣ ଆମ ବିଧାୟକ ଫିଟ୍ ବୋଲି କହି କରତାଳି ମାରିଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ରେଞ୍ଜର ପିଏନ କୁମାର, ଫରେଷ୍ଟର ଶ୍ୟାମ ସୁନ୍ଦର ସାହୁ, କଣ୍ଟାବାଞ୍ଜି ରେଞ୍ଜର, ସହ ରିତାଞ୍ଜଳି ନିୟାଲ ସହ ବହୁ ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଜାତୀୟ ପାଠଚକ୍ର ଉଦ୍‌ଯାପିତ

# ସାମ୍ପ୍ରତିକ ଓଡ଼ିଆ କବିତାରେ ମାଟି ମନସ୍କତାର ସ୍ୱର ପ୍ରକାଶ ପାଇବା ଆବଶ୍ୟକ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପାଶ୍ଚାତ୍ୟ ଚିନ୍ତା-ଚେତନାରେ ପ୍ରଭାବିତ ହୋଇ ଆଉ କେତେ କାଳ ଏମିତି କବିତା ଲେଖା ଚାଲିଥିବ ? ସାମ୍ପ୍ରତିକ ଓଡ଼ିଆ କବିତାରେ ଅଧିକରୁ ଅଧିକ ମାଟି ମନସ୍କତାର ସ୍ୱର ପ୍ରକାଶ ପାଇବା ଆବଶ୍ୟକ । ଓଡ଼ିଆ କବିମାନେ ମାଟି ମନସ୍କ ହେବା ସହ ପରମ୍ପରା ଅଭିମୁଖୀ ହେଲେ କବିତା ପାଠକ ପ୍ରାଣକୁ ଛୁଇଁ ପାରିବ ବୋଲି ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମତବ୍ୟକ୍ତ କରିଛନ୍ତି ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ 'ସାମ୍ପ୍ରତିକ ଓଡ଼ିଆ କବିତାର ଧରା ଓ ଧାରା' ଶୀର୍ଷକ ଦ୍ୱି-ଦିବସୀୟ ଜାତୀୟ ପାଠଚକ୍ରର ଉଦ୍‌ଯାପନୀ ଦିବସରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଡ. ପାଢ଼ୀ ଆଧୁନିକ ଓଡ଼ିଆ କବିତା ପାଠକୀୟ ଆଦର ହରାଇବାର ପ୍ରମୁଖ କାରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ମାଟି ଓ ଓଡ଼ିଆ ଜନଜୀବନର ଚିତ୍ର ନ ଫୁଟିଲେ କବିତା ପାଠକମାନଙ୍କ ପାଖରୁ ଦୂରେଇଯିବ ବୋଲି ମୁଖ୍ୟବକ୍ତା ଡ. ପାଢ଼ୀ କହିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରର ଉଦ୍‌ଯାପନୀ ଉତ୍ସବରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର୍ ଉତ୍ତମା ଜେନା ମୁଖ୍ୟଅତିଥି ରୂପେ ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ କବିତାର ଭାବଭୂମି ବିଷୟରେ ଆଲୋକପାତ କରିବା ସଂଗେ ସଂଗେ କବିତା ଆତ୍ମାରୁ ଉତୁରି ଆସୁଥିବା ମହନୀୟ ଭାବ-ଭାବନାର ସାର୍ଥକ କଳାରୂପ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଶ୍ୱଭାରତୀ, ଶାନ୍ତି ନିକେତନ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ଶରତ କୁମାର ଜେନା ଉତ୍ତର ଆଧୁନିକ କବିତାର ପ୍ରମୁଖ ସୂଚକ ବିନ୍ଦୁ ମାଟି ମନସ୍କତା, ସାଂସ୍କୃତିକ ପ୍ରତ୍ୟାଗମନ, ବିସ୍ଥାପନ, ଦାଦନ, ବାମାବାଦୀ ଦୃଷ୍ଟିଭଙ୍ଗୀ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ବିଭାଗର ସହଯୋଗୀ ପ୍ରଫେସର୍ ଡ. ବନମାଳୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ବିଭାଗୀୟ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ଣରେ ସେବାନିବୃତ୍ତ ବର୍ଷୀୟାନ୍ ଓଡ଼ିଆ ପ୍ରାଧ୍ୟାପକ ଡ. କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ତୃତୀୟ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ବିଶ୍ୱଭାରତୀ, ଶାନ୍ତି ନିକେତନ ଓଡ଼ିଆ ସହକାରୀ ପ୍ରଫେସର୍ ଡ. ଶରତ କୁମାର ଜେନା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ସମୀର ଭୋଇ, ତାରାତାରିଣୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ହିଞ୍ଜିଳିକାଟୁ ସ୍ଥିତ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପକ ଡ. ପବିତ୍ର କୁମାର ସ୍ୱାଇଁ ପ୍ରବନ୍ଧ ଉପସ୍ଥାପନ କରି ସାମ୍ପ୍ରତିକ କବିତାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ ।

ଚତୁର୍ଥ ବୈଷୟିକ ଅଧିବେଶନରେ ପୌରୋହିତ୍ୟ କରିଥିଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ତଥା ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା । ଏହି ଅଧିବେଶନରେ ଡ. ବସନ୍ତ କୁମାର ସେଠୀ, ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ, ଅଧ୍ୟାପକ ନିଖିଳ କୁମାର ମହାରଣା, ଅଧ୍ୟାପକ ଶ୍ରୀମନ୍ତ ବେହେରା, ବିଭାଗର ଛାତ୍ରଛାତ୍ରୀ ଗଗନ ରାଉତ, ସାଗର ଖରା, ବନ୍ଦିତା ମହାନ୍ତି ଓ ଆରତି ଗୌଡ଼ ପ୍ରମୁଖ ପ୍ରବନ୍ଧ ପାଠକ ରୂପେ ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ କବିତାରେ ପ୍ରତିଫଳିତ ଗାଆଁର ଚିତ୍ର, ମାଟି ସଂପ୍ରୀତି, ବାମାବାଦୀ ଚିନ୍ତନ, ଆଧ୍ୟାତ୍ମିକ ଆସ୍ପୃହା ସଂପର୍କରେ ଆଲୋଚନା କରିଥିଲେ । ସମସ୍ତ ଅଧିବେଶନ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥଙ୍କ ତତ୍ତ୍ୱାବଧାନରେ ଓ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ସମାହିତ ହୋଇଥିଲା । ଏହି ଜାତୀୟ ପାଠଚକ୍ରରେ ଓଡ଼ିଶା ଓ ଓଡ଼ିଶା ବାହାର ବିଭିନ୍ନ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ସହ ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଟିପିଏନଓଡିଏଲ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବାରିପଦା ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା (ଟିପିଏନଓଡିଏଲ୍) ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଟିପିଏନଓଡିଏଲ ଓ ନିଓସ ଚକ୍ଷୁ ଚିକିତ୍ସାଳୟର ମିଳିତ ପ୍ରୟାସରେ ଆୟୋଜିତ ଦିନିକିଆ ଶିବିରରେ ଗାଡ଼ି ଚାଳକ ଓ ଟାଟା ପାୱାରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଶିବିରରେ ନିଓସ ଚକ୍ଷୁ ଚିକିତ୍ସାଳୟ ଓ ନର୍ମଦା ଫାଉଣ୍ଡେସନର ଚିକିତ୍ସକ ଦଳରେ ଡା ଜେ.କେ. ମହାନ୍ତି ଓ ଡା. ବୁଦ୍ଧଦେବ ସିଂ ସମେତ ଅନ୍ୟ କର୍ମଚାରୀ ମାନେ ଯୋଗ ଦେଇ ୧୦୬ଜଣଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଦୃଷ୍ଟି ଦୋଷ ଥିବା ବ୍ୟକ୍ତିଙ୍କୁ ଡାକ୍ତରୀ ପରାମର୍ଶ ଦେବା ସହ ଆବଶ୍ୟକସ୍ଥଳେ ଉଚ୍ଚ ଚିକିତ୍ସା ନିମନ୍ତେ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ଅଧିକ୍ଷଣ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପଣ୍ଡା, ନିର୍ବାହୀ ଯନ୍ତ୍ରୀ କାହ୍ନୁଚରଣ ସର୍ଦ୍ଦାର, ରୋଟାରୀ କ୍ଲବ ସଦସ୍ୟ ପ୍ରଶାନ୍ତ ଜେନା, ଉପେନ୍ଦ୍ର ସିଂ ଓ ଭଞ୍ଜସେନା କର୍ମକର୍ତ୍ତା କନିକା ବୋଷ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜାନୁଆରୀ ୨୦୨୫ ମଙ୍ଗଳବାର







## ନୂତନ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଉପ ଜିଲ୍ଲାପାଳ ଭାବେ ରବିନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଏଠାରୁ ବଦଳି ହେବାପରେ ବୁଧବାର ନୂତନ ଉପ ଜିଲ୍ଲାପାଳ ଭାବେ ଅରୁଣ କୁମାର ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ନାୟକ ବିଭିନ୍ନ ଜିଲ୍ଲାରେ ଦକ୍ଷତାର ସହ କାର୍ଯ୍ୟ କରିଥିବା ଜଣାପଡିଛି ।

## ୯୪ରୁ ନିଯୁକ୍ତି ପାଇଥିବା ୱାର୍‌ମ୍ୟାନ୍ ଅନୁଦାନ ପାଇବାରୁ ବଞ୍ଚିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

୬୬୨ କାଟାଗୋରୀ ବ୍ଲକ୍ ଗ୍ରାଣ୍ଟକଲେଜ୍‌ରେ ୧୯୯୦ ମସିହାରୁ ୧୯୯୪ ପୂର୍ବରୁ ରହିଥିବା ୨୦୦ରୁ ଉର୍ଦ୍ଧ୍ୱ ୱାର୍‌ମ୍ୟାନ୍ କର୍ମଚାରୀ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ନିର୍ବାଚନ ପୂର୍ବରୁ ସମସ୍ତ କଲେଜକୁ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ତଥ୍ୟ ଉଚ୍ଚ ଶିକ୍ଷା ବିଭାଗ ମଗାଇଥିଲା । କିନ୍ତୁ ବିଗତ ସରକାର ସେମାନଙ୍କ ପାଇଁ କିଛି ପଦକ୍ଷେପ ଗ୍ରହଣ କଲେନାହିଁ । ନୂତନ ସରକାର ଆସିବା ପରେ ସେମାନଙ୍କ ମଧ୍ୟରେ ଆଶା ସଂଚାର ହେଲା । ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନନେଇ ବିଳମ୍ବ କରୁଛି । ୩୦ ବର୍ଷ ଧରି ଭୋକ ଉପାସରେ ପଡିରହିଥିବା ଏହି କର୍ମଚାରୀଙ୍କ ଦୁଃଖ ବୁଝିବା ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଶୀତଲହରୀ ଜାରି: ଘୁମୁସର ଉଦୟଗିରିରେ ତଳମୁହାଁ ହେଉଛି ପାରଦ



**ଘୁ.ଉଦୟଗିରି, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଶୀତରେ କଲବଲ ହେଉଛନ୍ତି ଘୁ.ଉଦୟଗିରି ଅଞ୍ଚଳବାସୀ। ଦିନକୁ ଦିନ ପାରଦ ତଳମୁହାଁ ହେବା ସହ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରି ସ୍ଥାନିତ ହୋଇଥିବା ବେଳେ ପ୍ରବଳ ଥଣ୍ଡା ଲୋକଙ୍କୁ କଲବଲ କରୁଛି। ଚଳିତ ବର୍ଷ ଶୀତର ଲୁଚକାଳି ଖେଳ ଭିତରେ ହଠାତ ତାପମାତ୍ରା କମି ପ୍ରବଳ ଥଣ୍ଡା ହେବା ସମସ୍ତଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ବିଶେଷ କରି ଗରିବ ଅସହାୟ ବୟୋବୃଦ୍ଧଙ୍କ ପାଇଁ ଥଣ୍ଡା ଅସହ୍ୟ ହେବାରେ ଲାଗିଛି । ସଞ୍ଜ ନଇଁଲେ ଥଣ୍ଡାର ପ୍ରକୋପ ବଢିବା ସହ ସହର ବଜାର ଖାଁ ଖାଁ ଲାଗୁଛି । ଲୋକେ ଘରେ ରହିବାକୁ ସୁରକ୍ଷିତ ମନେ କରୁଛନ୍ତି । କୁହୁଡି ସାଙ୍ଗକୁ ଥଣ୍ଡା । ପ୍ରବଳ ଥଣ୍ଡାରେ ବାହାର ଜିଲ୍ଲା, ରାଜ୍ୟ ଏବଂ ବିଦେଶରୁ ପର୍ଯ୍ୟଟକମାନେ ଆସିବା ସହ ଶୀତର ମଜା ନେଉଛନ୍ତି। ବିଭିନ୍ନ ହିଲ ଷ୍ଟେସନକୁ ଯାଇ ସୂର୍ଯ୍ୟ ଉଦୟ ଏବଂ ସୂର୍ଯ୍ୟ ଅସ୍ତର ମଜା ଉଠେଇ ନିଜ ନିଜ ମୋବାଇଲରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଦୃଶ୍ୟକୁ କଏଦ କରି ରଖୁଥିବା ଦେଖିବାକୁ ମିଳୁଛି । ସନ୍ଧ୍ୟା ହେଲେ ସହରର ବିଭିନ୍ନ ଛକରେ ନିଆଁ ଜାଳି ଲୋକେ ବସିରହୁଥିବା ବେଳେ ଭୋରରୁ ମଧ ବିଭିନ୍ନ ଚା ଦୋକାନରେ ନିଆଁ ଜାଳି ସେଠାରେ ବସି ଚା ପିଇ ଖଟି କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ପ୍ରବଳ ଥଣ୍ଡା ଯୋଗୁଁ ସକାଳୁ ଏବଂ ସନ୍ଧ୍ୟାରେ ଭ୍ରମଣରେ ଯାଉଥିବା ଲୋକଙ୍କ ସଂଖ୍ୟା କମିଯାଇଛି । ଆଗାମୀ ଦିନରେ ଆହୁରି ତାପମାତ୍ରା କମିବା ନେଇ କୃଷି ବିଜ୍ଞାନ ପରାମର୍ଶ କେନ୍ଦ୍ର ସୂଚନା ଦେଇଛି । ଗତ ଦୁଇଦିନ ହେଲା ସହରର ତାପମାତ୍ରା ୫ଡିଗ୍ରୀ ଥିବା ବେଳେ ରବିବାର ପାରଦ ଆହୁରି ତଳକୁ ଖସି ୪.୮ଡିଗ୍ରୀ ଥିବା ସୂଚନା ମିଳିଛି।

# ଅଫିସରଙ୍କ ଗାଡ଼ି ଭଡ଼ା ବଢାଇଲେ ସରକାର:ଫେବୃୟାରୀରୁ ନୂଆ ଦର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅଫିସରମାନେ ଉପଯୋଗ କରୁଥିବା ଗାଡ଼ିର ଭଡ଼ା ପରିମାଣକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ତେଲ ଦର ବଢିଥିବାରୁ ୮ବର୍ଷ ପରେ ଏହି ଭଡ଼ାରେ ସଂଶୋଧନ ଆବଶ୍ୟକତା ପଡ଼ିଛି ବୋଲି ଅର୍ଥ ବିଭାଗ କହିବା ସହ ଫେବୃୟାରୀ ପହିଲାରୁ ଅଫିସରମାନଙ୍କୁ ଗାଡ଼ି ଉପଯୋଗ ପାଇଁ ବର୍ଦ୍ଧିତ ଦର ଦେବାକୁ ପଡ଼ିବ। ବାସଭବନରୁ ଅଫିସ ଯିବାଆସିବା, ଅଫିସ କାର୍ଯ୍ୟରେ ଭୁବନେଶ୍ୱରରୁ କଟକ ଯିବାଆସିବା ଏବଂ ବ୍ୟକ୍ତିଗତ କାର୍ଯ୍ୟ ନିମନ୍ତେ ସରକାରୀ ଗାଡ଼ି ଉପଯୋଗ ପାଇଁ ମଧ ଭଡ଼ା ଦରରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି । ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସଚିବ ଓ ତଦୁର୍ଦ୍ଧ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳଙ୍କ ସମେତ ଆଇଜି ଓ ତଦୁର୍ଦ୍ଧ ପାହ୍ୟାର ଆଇପିଏସ ଅଫିସର, ସିସିଏଫ ଓ ତଦୁର୍ଦ୍ଧ ପାହ୍ୟାର ଆଇଏଫଏସ ଅଫିସର, କମିଶନର ପାହ୍ୟାର ଆଇଏଏସ ଅଫିସରମାନେ (ଚକବନ୍ଦୀ କମିଶନର, ବନ୍ଦୋବସ୍ତ କମିଶନର, ଭୂସଂସ୍କାର କମିଶନର ଆଦି ପଦବୀ ନୁହେଁ) ବ୍ୟକ୍ତିଗତ କାର୍ଯ୍ୟ ପାଇଁ ସରକାର ଗାଡ଼ିକୁ ସଂଶୋଧିତ ଭଡ଼ା ଦେଇ ଉପଯୋଗ କରିପାରିବେ । ଏବେ ମାସକୁ ସର୍ବାଧିକ ୩୦୦କିମି ପର୍ଯ୍ୟନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସରକାରୀ ଗାଡ଼ିର ଉପଯୋଗ ପାଇଁ ଅଫିସରଙ୍କୁ ୨୫୨୦ଟଙ୍କା ଏବଂ ୩୦୦ରୁ ୫୦୦କିମି ପର୍ଯ୍ୟନ୍ତ ୪୨୦୦ଟଙ୍କା ଦେବାକୁ ପଡୁଛି । ତେବେ ସଂଶୋଧିତ ଦରରେ ଆସନ୍ତା ଫେବୃୟାରୀ ପହିଲାରୁ ଏହା ଯଥାକ୍ରମେ ମାସିକ ଭଡ଼ା ୩୭୮୦ଟଙ୍କା ଓ ୬୩୦୦ଟଙ୍କା ଦେବାକୁ ପଡ଼ିବ । ଭୁବନେଶ୍ୱରୁ କଟକ କିମ୍ବା କଟକରୁ ଭୁବନେଶ୍ୱରରେ ଅଫିସ କାର୍ଯ୍ୟ ପାଇଁ ଯାତାୟାତ କରୁଥିବା ଅଫିସରମାନଙ୍କ ମାସିକ ଭଡ଼ା ବାବଦ ଅର୍ଥ ୬ହଜାର ଟଙ୍କାକୁ ଅପରିବର୍ତ୍ତିତ ରଖାଯାଇଛି । ତେବେ ଗୋଟିଏ ଗାଡ଼ିକୁ ଯଦି ମିଳିତ ଭାବେ ଅଫିସରମାନେ(ସିଙ୍ଗଲ ଗାଡ଼ି ଉପଯୋଗ ପାଇଁ ଯୋଗ୍ୟ ଅଫିସର) ବ୍ୟବହାର କରିବେ ତା'ହେଲେ ସେମାନଙ୍କଠୁ ସମାନ ଭାବରେ ଭଡ଼ା ଭାଗଭାଗ କରି ଆଦାୟ କରାଯାଇପାରିବ। ଉଦାହରଣ ସ୍ୱରୂପ ଦୁଇଜଣ ଅଫିସର ଯଦି କଟକରୁ ଭୁବନେଶ୍ୱର କିମ୍ବା ଭୁବନେଶ୍ୱରରୁ କଟକ ଗୋଟିଏ ଗାଡ଼ିରେ ଯାତାୟାତ କରନ୍ତି ତେବେ ୬ହଜାର ଟଙ୍କା ଭଡ଼ାକୁ ଉଭୟଙ୍କଠୁ ସମାନ ଭାଗରେ ଆଦାୟ କରାଯିବ। ଅବଶ୍ୟ ଏଥିପାଇଁ ଉଭୟ ଅଫିସର ସିଙ୍ଗଲ ସରକାରୀ ଗାଡ଼ି ଉପଯୋଗ ନିମନ୍ତେ ଯୋଗ୍ୟ ହୋଇଥିବା ଜରୁରୀ। ବାସଭବନରୁ ଅଫିସ ଯିବା ନିମନ୍ତେ ସରକାରୀ ଗାଡ଼ି ଉପଯୋଗ ପାଇଁ ବିଭିନ୍ନ ବର୍ଗର ଅଫିସରଙ୍କ ନିମନ୍ତେ ଧାର୍ଯ୍ୟ ଭଡ଼ାକୁ ମଧ ସଂଶୋଧନ କରାଯାଇଛି। ସଚିବ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ ଓ ଆରଡିସିଙ୍କୁ ଏଣିକି ମାସିକ ୧୬୮୦ଟଙ୍କା ବଦଳରେ ୨୫୨୦ଟଙ୍କା, ପ୍ରଶାସନିକ ବିଭାଗୀୟ ଅଧିକାରୀ ଓ ମିଳିତ ଭାବେ ଗାଡ଼ି ଉପଯୋଗ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ମାସିକ ୧୧୨୦ଟଙ୍କା ପରିବର୍ତ୍ତେ ୧୬୮୦ଟଙ୍କା, ସରକାରୀ ଗାଡ଼ି ପାଇଥିବା ଅନ୍ୟ ଅଫିସରଙ୍କୁ ମାସିକ ୧୪୦୦ଟଙ୍କା ପରିବର୍ତ୍ତେ ୨୧୦୦ଟଙ୍କା ଏବଂ ଜିଲ୍ଲାପାଳ,ଅତିରିକ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ମାସିକ ୧୧୨୦ଟଙ୍କା ପରିବର୍ତ୍ତେ ୧୬୮୦ଟଙ୍କା ଭଡା ଦେବାକୁ ପଡ଼ିବ । ଏହି ସଂଶୋଧିତ ଭଡ଼ା ଫେବୃୟାରୀ ପହିଲାରୁ ସେମାନଙ୍କୁ ଦେବାକୁ ପଡ଼ିବ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି।

# ଲୋକ ମହୋତ୍ସବରେ ତୁରେକେଲା କଳାକାରଙ୍କ କମାଲ୍

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ୧୭ ଜାନୁଆରୀରେ ହୋଇଯାଇଥିବା ବେଳେ ମାଁ ଘଣ୍ଟାଶୁଣୀ ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ଟିଟିଲାଗଡରେ ତୁରେକେଲା ବ୍ଲକ ଅନ୍ତର୍ଗତ କଳାକାରଙ୍କ ବେଶ୍ କମାଲ୍ ଦେଖିବାକୁ ମିଳିଛି । ବିଶେଷ ବିବରଣୀରୁ ପ୍ରକାଶ ଯେ ଏହି ଉତ୍ସବରେ ଟିଟିଲାଗଡ ଉପଖଣ୍ଡରେ ଥିବା ୫ଟି ବ୍ଲକରୁ ଦଳ ଗତ ତଥା ଏକକ ଭିତ୍ତିରେ ଶତାଧିକ ପାରମ୍ପରିକ କଳାକାର ଅଂଶଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ବ୍ଲକ୍‌ରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯୋଗ୍ୟତା ହାସଲ୍ କରି ବିଭିନ୍ନ ବିଭାଗର କଳାକାର ଗଣ ଉପଖଣ୍ଡ ସ୍ତରୀୟ ପ୍ରତିଯୋଗିତାରେ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବର ବିଶେଷ ତାତ୍ପର୍ଯ୍ୟ ଏହା ଯେ, ଟିଟିଲାଗଡ




ଉପଖଣ୍ଡରୁ ବଲାଙ୍ଗିର ଜିଲ୍ଲାସ୍ତରକୁ ଯିବା ନିମନ୍ତେ ଉତ୍ତୀର୍ଣ୍ଣ ହୋଇଥିବା ସର୍ବମୋଟ ୨୩ଟି ଏକକ ତଥା ଦଳୀୟ ବିଭାଗରୁ ମାଓ ପ୍ରବଣ ଅଞ୍ଚଳ ତୁରେକେଲା ବ୍ଲକରୁ ଏକକ ତଥା ଦଳୀୟ ମୋଟ ୮ଟି ବିଭାଗର କଳାକାର ଗଣ ନିଜ ନିଜ ପାରମ୍ପରିକ କଳା ପ୍ରଦର୍ଶନ ପୂର୍ବକ ମୋଟ୍ ଦଳୀୟ ବିଭାଗରେ ୪ଟି ଦଳ ତଥା ଏକକ ବିଭାଗରେ ୩ ଜଣ କଳାକାର ଜିଲ୍ଲାସ୍ତରକୁ ଯିବା ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି । ଏହି ଅନୁଯାୟୀ ଲୋକ ଗୀତ ଏକକରେ ଚିଉମନ ତାଣ୍ଡି, ବାଞ୍ଜିପାଲି (ପ୍ରଥମ) ଦଳୀୟରେ ବାଙ୍ଗରି ଦଳ, ସେମଲା (ପ୍ରଥମ), ଡାଲଖାଇ ଦଳ-ଲର୍କୀ (ଦ୍ୱିତୀୟ), ଲୋକନୃତ୍ୟ ଦଳୀୟରେ ମାଁ ଆଦିଶକ୍ତି ଦଣ୍ଡ ମାଲପାମୁଣ୍ଡା (ଦ୍ୱିତୀୟ), ଫୁଲ ମାହେଶ୍ୱରୀ ଦଳ ଟିକ୍ରାପଡା (ତୃତୀୟ), ଲୋକବାଦ୍ୟ ଦଳୀୟରେ ହୃଦାନନ୍ଦ ସଞ୍ଚାର ସର୍ଗିଗୁଡା (ତୃତୀୟ) ଏବଂ ଲୋକ ନାଟକ (ଅଭିନୟ) ଏକକରେ ବୃନ୍ଦାବନ ନାଗ ଡୁମେରଚୁଆଁ (ପ୍ରଥମ) ସ୍ଥାନ ଅଧିକାର କରି ତୁରେକେଲା ବ୍ଲକ ନିମନ୍ତେ ଗର୍ବ ଏବଂ ଗୌରବ ଆଣି ଦେଇଥିବାରୁ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି । ଟିଟିଲାଗଡରେ ହୋଇଯାଇଥିବା ଉକ୍ତ ଲୋକ ଉତ୍ସବର ବିଚାରକ ମଣ୍ଡଳୀରେ ବିଭିନ୍ନ ବ୍ଲକରୁ ସମସ୍ତ ବିଭାଗରେ ୪ ଜଣ ଲେଖାଏଁ ବିଚାରକ ଭାବରେ ଯୋଗଦେଇଥିଲେ । ଏହି କ୍ରମରେ ତୁରେକେଲା ବ୍ଲକରୁ ଲୋକ ନୃତ୍ୟରେ ଅମିଲ ପୁଟେଲ, ଲୋକ ବାଦ୍ୟରେ ଭକ୍ତ ବନ୍ଧୁ ମେହେର ଏବଂ ଲୋକ ନାଟକରେ ବିରଞ୍ଚି ନାରାୟଣ ଦାଶ ବିଚାରକ ଭାବରେ ରହିଥିବା ବେଳେ, ତୁରେକେଲା ବ୍ଲକ କଳା ଓ ସଂସ୍କୃତି ସଂଘର ସଫଳତାର ଶ୍ରେୟ ସଂଘର ସଭାପତି ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପଟେଲ, ସମ୍ପାଦକ ତଥା ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଳ ଏବଂ ଉପ ସଭାପତି କାର୍ତ୍ତିକେଶ୍ୱର ସାହୁଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦିଆଯାଉଛି ।

# ରାଇଘର ବ୍ଲକ ପାଇଁ ଗୌରବ ଆଣିଲେ ଆଦିବାସୀ ଯୁବଉଦ୍ୟୋଗୀ ନରେନ୍ଦ୍ର କୁମାର ଗଣ୍ଡ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କରଣପଦର ଗ୍ରାମର ଚଇନୁ ଗଣ୍ଡଙ୍କ ସୁଯୋଗ୍ୟ ସନ୍ତାନ ନରେନ୍ଦ୍ର କୁମାର ଗଣ୍ଡ ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟ ସ୍ତରୀୟ ଆଦିବାସୀ ମେଳା-୨୦୨୫ ଶ୍ରେଷ୍ଠ ସଫଳ ଆଦିବାସୀ ଯୁବ ଉଦ୍ୟୋଗୀ ଭାବେ ଓଡ଼ିଶାର କ୍ୟାବିନେଟ୍ ମନ୍ତ୍ରୀ ସମ୍ମାନନୀୟ ନିତ୍ୟାନନ୍ଦ ଗଣ୍ଡ (ବିଦ୍ୟାଳୟ ଓ ଜନଶିକ୍ଷା, ଏସ୍‌ଟି ଏବଂ ଏସ୍‌ସି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ) ଦ୍ୱାରା ପ୍ରଶଂସା ପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରିଥିଲେ । ନରେନ୍ଦ୍ର ଗଣ୍ଡ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ସହାୟତାରେ ନିଜ ଗ୍ରାମରେ ଏକ (ଦୁଇ ଚକିଆ) ଅଟୋ ଗ୍ୟାରେଜ୍ ଓ ସର୍ଭିସ୍ୱେଷ୍ଟର ଆରମ୍ଭ କରୁଥିଲେ କିନ୍ତୁ ନିଜର ଦୃଢ଼ ଇଚ୍ଛାଶକ୍ତି, କର୍ତ୍ତବ୍ୟନିଷ୍ଠ ଓ ଅକ୍ଲାନ୍ତ ଉଦ୍ୟମ ଦ୍ୱାରା ଉଦ୍ୟୋଗ ଖୁବ୍ କମ୍ ଦିନରେ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଥିଲେ । ସାରା ଓଡ଼ିଶାରେ ଜଣେ ସଫଳ ଆଦର୍ଶ ଉଦ୍ୟୋଗ ଭାବେ ପରିଚିତ ପାଇପାରିଥିଲେ । ତାଙ୍କର ଏହି କୁଞ୍ଚିତ ପାଇଁ ଜନଜାତି ଜୀବିକା ମିଶନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ସହି ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବି ମହଲ ପ୍ରଶଂସା ଓ ଶୁଭେଚ୍ଛା ଜଣାଇଛନ୍ତି । ଏହି ଖବର ପାଇଲା ପରେ ଜନଜାତି ଜୀବିକା ମିଶନ ପକଳ୍ପର ବ୍ଲକ ଜୀବିକା ବିଶେଷଜ୍ଞ ବସନ୍ତ କୁମାର ସ୍ୱାଇଁ ଓ ରାଇଘର ସରପଞ୍ଚ ଲମ୍ବୋଦର ମାଝୀ ପ୍ରତିକ୍ରିୟା ଦେଇ କହିଥିଲେ ସାରା ଓଡ଼ିଶାରେ ଆମ ଜିଲ୍ଲା ଓ ରାଇଘର ବ୍ଲକ ଅଞ୍ଚଳର ସମ୍ମାନ ବଢ଼ାଇଥିବାରୁ ନରେନ୍ଦ୍ର କୁମାର ଗଣ୍ଡ ଭୁବନେଶ୍ୱରରୁ ପହଞ୍ଚିଲା ପରେ ରାଇଘର ଠାରେ ତାଙ୍କୁ ଉତ୍ସସ୍ୱିତ ସମ୍ବର୍ଦ୍ଧନା ସହ ସମ୍ମାନିତ କରାଯିବ ।

## ସସ୍ମିତା ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ

# ସାହିତ୍ୟର କାବ୍ୟକୃତି ଉପରେ ଗୁରୁତ୍ୱ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତ ପୋଡାକାନ୍ଥି ଗ୍ରାମରେ ସସ୍ମିତା ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଝଙ୍କଡ଼ ରତ୍ନ ଗୋଲୋକ ବିହାରୀ ପଲାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାରସ୍ୱତ ସମ୍ମେଳନରେ ଉଦ୍‌ଘାଟକ ଭାବେ ହାଡ଼ିଦାସ ମହାବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାୟକ ଗୌରବ ସୌରଭ ରଜନୀକାନ୍ତ ପୃଷ୍ଟି, ସମ୍ମାନୀୟ ଅତିଥି ଭାବେ ପ୍ରାଧ୍ୟାପିକା ଡ଼. ବିଷ୍ଣୁପ୍ରିୟା ଦାସ, ମୁଖ୍ୟ ସମୀକ୍ଷକ ଡ଼. ନିରଞ୍ଜନ ସାହୁ, ବରେଣ୍ୟ ଅତିଥି ଗାୟକ କଳାନିଧି ଅନାଦି ଚରଣ ଦାଶ, ଶିକ୍ଷାବିତ୍ ଗୌରୀଶ୍ୟାମ ଦାସ ପ୍ରମୁଖ ଯୋଗଦାନ କରି ପ୍ରାଚୀନ ସାହିତ୍ୟର କାବ୍ୟାକୃତି ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ କବି ଅଶୋକ କୁମାର ଲେଙ୍କାଙ୍କ ବିରଚିତ ମୈଥିଳୀଶ ବିଳାସ ତୃତୀୟ ଖଣ୍ଡ ଗ୍ରନ୍ଥକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶିକ୍ଷାବିତ୍ ବିନୋଦ ବିହାରୀ ମୁଦୁଲି ଅତିଥି ପରିଚୟ ଦେଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । କବୟିତ୍ରୀ ଝଙ୍କଡ଼ କନ୍ୟା ସବିତା ନାୟକ, କବୟିତ୍ରୀ ପ୍ରତିଭା ମିଶ୍ରଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ । ପଣ୍ଡିତ ବାସବ କୁମାର ନନ୍ଦ, ପାଲାକାର ଦିଗମ୍ବର ରାଉତ, ଝୁଲାରାମ ଦାସ, ବିକ୍ରମ କିଶୋର ପରିଡ଼ା, ମୋହନ ଚରଣ ରାଉତ, ବିଜୟ କୁମାର ରାଉତ, ଶରତ କୁମାର ଲେଙ୍କା, ଡ଼. ବସନ୍ତ ମଞ୍ଜରୀ ଦାସ, ପଦ୍ମାବତୀ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶିକ୍ଷା ଓ ସାରସ୍ୱତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋହିନୀ ମୋହନ ବେହେରା, ଯଦୁମଣି ଦାସ, ନିରଞ୍ଜନ ଲେଙ୍କା, ବିନୋଦ ବିହାରୀ ମୁଦୁଲି, ଅଞ୍ଜନା ମହାନ୍ତି ଓ ମମତା ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷାବିତ୍ ତଥା ପ୍ରଧାନଶିକ୍ଷକ ଅଜିତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।



# ସାମ୍ପ୍ରତିକ ଓଡ଼ିଆ କବିତାର ବ୍ୟାପ୍ତି ଓ ପାଠକୀୟତା ଉପରେ ଆଲୋକପାତ

**ଖଲ୍ଲିକୋଟ, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ 'ସାମ୍ପ୍ରତିକ ଓଡ଼ିଆ କବିତାରେ ଧାରା ଓ ଧାରା' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ପର୍ବକୁ ଶ୍ରୀଜଗନ୍ନାଥଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ବୃକ୍ଷଚାରାରେ ଜଳ ସିଞ୍ଚନ କରି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ପଦ୍ମିନୀ ସାହୁ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହ ଅତିଥି ପରିଚୟ ତଥା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଅଧ୍ୟାପକ ଡକ୍ଟର ମନୋରଞ୍ଜନ ବିଷୋୟୀ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଆୟୋଜିତ ଏହି ପାଠଚକ୍ରରେ ସଭାପତିତ୍ୱ କରି ବିଭାଗ ମୁଖ୍ୟ ଡକ୍ଟର ଉଷାରାଣୀ ରଥ ସାମ୍ପ୍ରତିକ ଓଡ଼ିଆ କବିତାର ଧାରା ଉପରେ ଆଲୋକପାତ ପୂର୍ବକ ପାଠଚକ୍ରର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍କଳ ସଂସ୍କୃତି




ବିଶ୍ୱବିଦ୍ୟାଳୟ ତଥା ଶ୍ରୀଜଗନ୍ନାଥ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସାମ୍ପ୍ରତିକ ଓଡ଼ିଆ କବିତାର ବ୍ୟାପ୍ତି ଓ ପାଠକୀୟତା ସମ୍ପର୍କରେ ଗଳ୍ପ ଛଳରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିଲ୍ଲୀ ସ୍ଥିତ ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ପ୍ରଫେସର ଉଦୟନାଥ ସାହୁ ସାମ୍ପ୍ରତିକ ଓଡ଼ିଆ ଦୀର୍ଘ କବିତା ସମ୍ପର୍କରେ ଆଲୋକପାତ କରିଥିଲେ । ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ପ୍ରଫେସର ସନ୍ତୋଷ ତ୍ରିପାଠୀ ସାମ୍ପ୍ରତିକର ସଂଜ୍ଞା ଆଲୋଚନା ପୂର୍ବକ ଅନେକ ଯୁବ କବିଙ୍କ କବିତାରୁ ଉଦାହରଣ ଦେଇଥିଲେ । ସମ୍ମାନିତ ଅତିଥି ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ 'ସାମ୍ପ୍ରତିକ'ର କାଳ ନିର୍ଣ୍ଣୟ କରିବା ସହ ଆଧୁନିକ କବିତାର ବ୍ୟାଖ୍ୟା କରିଥିଲେ । ସମ୍ମାନିତ ବକ୍ତା ବିଶିଷ୍ଟ କବି ବିପିନ ନାୟକ ସାମ୍ପ୍ରତିକ କବିତାରେ ଉତ୍ତର ଆଧୁନିକତା ସମ୍ପର୍କରେ ନିଜ ଅଭିମତ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ ଡକ୍ଟର ବନମାଳୀ ପାଣିଗ୍ରାହୀ । ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଜାତୀୟ ପାଠଚକ୍ରରେ ଉପସ୍ଥାପିତ ପ୍ରବନ୍ଧ ସମୂହକୁ ନେଇ ପ୍ରବନ୍ଧ ସଂକଳନ 'ସାମ୍ପ୍ରତିକ କବିତାର ଧାରା ଓ ଧାରା' ଡକ୍ଟର ଉଷାରାଣୀ ରଥଙ୍କର ସମାଲୋଚନା ଗ୍ରନ୍ଥ 'ଅସ୍ମିତା ଅନ୍ୱେଷଣରେ ଓଡ଼ିଆ ଗାଳ୍ପିକା' ସହ ଡକ୍ଟର ମନୋରଞ୍ଜନ ବିଷୋୟୀଙ୍କ କବିତା ସଂକଳନ 'ଆସ ଈଶ୍ୱର ଖୋଜିବା' ଅତିଥି ମାନଙ୍କ ହସ୍ତରେ ଶୁଭ ଉନ୍ମୋଚନ ହୋଇଥିଲା । ଏହା ପରେ ଆୟୋଜିତ ଦୁଇଟି ବୈଷୟିକ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଏବଂ ଡକ୍ଟର ଅଲେଖ ଚନ୍ଦ୍ର ପ୍ରଧାନ । ପ୍ରବନ୍ଧ ପାଠ କରିଥିଲେ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡ. ଦେବୀ ପ୍ରସାଦ ଶତପଥୀ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. ଜ୍ଞାନୀ ଦେବାଶିଷ ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ଶାନ୍ତନୁ କୁମାର ସୁନା, ଡ. ହୃଷିକେଶ ପଣ୍ଡା, ଡ. ନଳିନୀ କୁମାର ପାଣିଗ୍ରାହୀ, ଡ. ରବୀନ୍ଦ୍ର ପଣ୍ଡା, ଡ. ସୁଶାନ୍ତ କୁମାର ପରିଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ବିଭାଗର ବହୁ ଛାତ୍ରଛାତ୍ରୀ ସହଯୋଗ କରିବା ସହ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।




# ସୋଆ ଓ ୟୁନିଭର୍ସିଟି ଅଫ୍ ନେବ୍ରାସ୍କା-ଲିଙ୍କନ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ଆମେରିକାର ୟୁନିଭର୍ସିଟି ଅଫ୍ ନେବ୍ରାସ୍କା-ଲିଙ୍କନ୍ ମଧ୍ୟରେ ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ସହଯୋଗ ନିମନ୍ତେ ଶୁକ୍ରବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଆମେରିକାର କାର୍ଣ୍ଣେଗି ଗବେଷଣା ଅନୁଷ୍ଠାନ ଭାବେ ପରିଗଣିତ ହୋଇଥିବା ୟୁନିଭର୍ସିଟି ଅଫ୍ ନେବ୍ରାସ୍କା-ଲିଙ୍କନ୍‌ରେ ପ୍ରାକ୍‌ସ୍ନାତକ, ସ୍ନାତକ ଓ ବୃତ୍ତିଗତ ଅଧ୍ୟୟନ କ୍ଷେତ୍ରରେ ଅନେକ ବିଷୟରେ କାର୍ଯ୍ୟକ୍ରମ ଉପଲବ୍ଧ ଅଟେ। ଏ ମଧ୍ୟରେ କୃଷି ବିଜ୍ଞାନ, କଳା ଓ ବିଜ୍ଞାନ, ଆଇନ୍, ସାମ୍ବାଦିକତା ଓ ଗଣ ଯୋଗାଯୋଗ ଓ ଇଞ୍ଜିନିୟରିଂ ଅନ୍ତର୍ଭୁକ୍ତ। ଏହି ବିଶ୍ୱବିଦ୍ୟାଳୟ ମଧ୍ୟ ବିଗ୍ ଟେନ୍ ଏକାଡେମିକ୍ ଆଲାୟାନ୍ସର ସଦସ୍ୟ ଯାହାକି ବିଶ୍ୱସ୍ତରୀୟ ଗବେଷଣା ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ଜଣାଶୁଣା ଅଟେ। ଏହି ବୁଝାମଣା ପତ୍ର ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟ ପରସ୍ପର ମଧ୍ୟରେ ସହଯୋଗ ଭିତ୍ତିରେ ଶିକ୍ଷାଦାନ, ଗବେଷଣା, ଛାତ୍ର ଓ ଶିକ୍ଷକ ବିନିମୟ, ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ କ୍ଷେତ୍ରରେ ଯୁଗ୍ମ ପ୍ରକଳ୍ପ ଓ ତାଲିମ୍ ନିମନ୍ତେ କାର୍ଯ୍ୟ କରିବେ। ଏହି ବୁଝାମଣାପତ୍ର ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ୟୁନିଭର୍ସିଟି ଅଫ୍ ନେବ୍ରାସ୍କା-ଲିଙ୍କନ୍‌ର କୁଳାଧିପତି ଡକ୍ଟର ରୋଡନି ଡି. ବେନେଟଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ୟୁନିଭର୍ସିଟି ଅଫ୍ ନେବ୍ରାସ୍କାର ନେବ୍ରାସ୍କା ୱାଟର ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚିତରଞ୍ଜନ ରାୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ଥିଲେ। ଏହି ଅବସରରେ ସୋଆ ସେଣ୍ଟର ଫର୍ କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର୍ (ସିସିଏସ୍‌ଏ)ର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ସିସିଏସ୍‌ଏର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ଉମା ଚରଣ ମହାନ୍ତି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ଆସୋସିଏଟ୍ ଡିନ୍ ପ୍ରଫେସର ଧୀରେନ୍ଦ୍ରନାଥ ଥାଟୋଇ, ସିଭିଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ବିଦ୍ୟାଧର ବାସା ଓ ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୨୮ଙ୍କ

**ତା୨୧।୧।୨୦୨୫, ମାଘ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୨୪।୩୯ ଚନ୍ଦ୍ରୋଦୟ- ରାଘ ୧୧।୫୪।୧୩**

**ସପ୍ତମୀ-** ଦିଘ ୧୨।୪୦ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ରାଘ ୧୧।୩୬ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଦିଘ ୧୦।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । ଦିଘ ୧୦।୦୩ ପରେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ଦିଘ ୧୦।୦୩ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୨।୪୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୩ ଗତେ ଘ ୧୦।୫୨ ମଧ୍ୟେ । ଦିଘ ୪।୦୫ ଗତେ ଘ ୪।୪୪ ମଧ୍ୟେ ।



**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବୃଷ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ବନ୍ଧୁଙ୍କ ସହ କଳହ ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବମିବ । ଘରେ ଅଶାନ୍ତି ଦେଖାଦେଇପାରେ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଯୋଗ ରହିଛି । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।



**କର୍କଟ:** ଗୃହେ ସୁଖ ଶାନ୍ତି ରହିବ । ରୋଜଗାର ଭଲ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପରୋପକାର କରି ଆନନ୍ଦିତ ହେବେ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।



**ସିଂହ:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମାନସିକ ଦ୍ୱନ୍ଦ୍ୱ ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତା ଦୂର ହେବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଦୂରଯାତ୍ରା କରିବାର ସମ୍ଭାବନା ରହିଛି । ଶରୀର ସୁସ୍ଥ ରହିବ ।



**ବିଛା:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେବ । ବ୍ୟବସାୟ କ୍ଷତିରେ ଚାଲିପାରେ । ଏଣୁ ଚିନ୍ତିତ ରହିବେ । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ସାଧନାରେ ସିଦ୍ଧି ଲାଭ କରିବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।



**ମକର:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ଘରେ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବେ । ଘରେ ଅସନ୍ତୋଷ ଦେଖାଦେବ । ମାନସିକ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ମୀନ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ଘରେ ଆନନ୍ଦ ଦେଖାଦେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୨୮ଙ୍କ

**ତା୨୨।୧।୨୦୨୫, ମାଘ ଦି୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୨୪।୩୪ ଚନ୍ଦ୍ରୋଦୟ- ରାଘ ୧୨।୪୫।୦୬**

**ଅଷ୍ଟମୀ-** ଦିଘ ୩।୧୯ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ରାଘ ୨।୩୪ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୩।୧୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୬ ମଧ୍ୟେ । ଦିଘ ୧।୪୮ ଗତେ ଘ ୪।୪୨ ମଧ୍ୟେ ।

ପ୍ରାନ୍ତୀୟ
30 YEARS
ସମ୍ବାଦ କଳିକା

# ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍ସି)ରେ ସଭରେନ୍ ଗ୍ରିନ ବଣ୍ଡ୍ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି।

ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାଯସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# ସୃଜନ ପ୍ରକ୍ରିୟାରେ ପରିବେଶୀୟ ପ୍ରଭାବ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ସାହିତ୍ୟ ଲେଖାଲେଖି କରୁଥିବା ଲୋକଙ୍କ ଉପରେ ସେମାନଙ୍କ ନିଜ ଘର ଓ ତା' ଚାରିପାଖର ପ୍ରକୃତି କିପରି ପ୍ରଭାବ ପକାଇଥାଏ ତାହା ଦକ୍ଷିଣ ଇଂଲଣ୍ଡରେ ବେଟ୍‌ମ୍ୟାନ୍‌ସ୍ଥିତ ରୁଡ୍‌ୟାର୍ଡ୍ କିପ୍‌ଲିଙ୍ଗ୍‌ଙ୍କ ଘର, ଡାଇନିଂ ରୁମ୍, ଲାଇବ୍ରେରୀ, ବଗିଚା, ସୁଶେକ୍ସ ଭୂଖଣ୍ଡ ଏବଂ ଚାର୍ଟୱେଲ୍ ଗ୍ରାମସ୍ଥିତ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍‌ଙ୍କ ଘର, ଡ୍ରଇଂ ରୁମ୍, ବ୍ୟକ୍ତିଗତ ଲେଖାପଢ଼ା ପ୍ରକୋଷ୍ଠ ଇତ୍ୟାଦିକୁ ଦେଖିଲେ ଜଣାପଡ଼ିଯାଏ। ଉଭୟ ଥିଲେ ବିଂଶ ଶତାବ୍ଦୀରେ ଇଂରାଜୀ ଭାଷା ବିଶାରଦ ଓ ସାହିତ୍ୟରେ ନୋବେଲ୍ ପୁରସ୍କାର ବିଜେତା । ୧୯୫୦ ଦଶକରୁ ବମ୍ବେରେ ରହିଆସୁଥିବା କବି ଓ ଗୀତିକାର ଗୁଲ୍‌ଜାରଙ୍କର ୨୦୨୧ ବର୍ଷରେ ପ୍ରକାଶିତ 'ବମ୍ବେ' ଓ 'ମୁମ୍ବାଇ' ଶୀର୍ଷକରେ ଦୁଇଟି କବିତା ପଢ଼ିଲେ ସ୍ପଷ୍ଟ ଜଣାପଡୁଛି ତତ୍କାଳୀନ ଓ ସାମ୍ପ୍ରତିକ ଅବସ୍ଥା ତାଙ୍କୁ କିଭଳି ପ୍ରଭାବିତ କରିଛି । ୧୯୬୦ ଦଶକରୁ ଦିଲ୍ଲୀରେ ରହିଆସୁଥିବା ଓ ଫ୍ରାନ୍ସ ଦୂତାବାସରେ କାର୍ଯ୍ୟ କରିଥିବା ଲେଖକ ଏମ୍. ମୁକୁନ୍ଦନ୍‌ଙ୍କ ରଚିତ ଉଲ୍ଲେଖନୀୟ ଉପନ୍ୟାସ 'ମାୟାଝିପୁଝାୟୁଦେ ଥିରଙ୍ଗଲିଲ୍' (ମାୟାଝି ନଦୀ କୂଳରେ), 'କେଶବନ୍‌ତେ ବିଳାପଙ୍ଗଲ୍' (କେଶବନ୍‌ଙ୍କ ବିଳାପ), 'ଦୈବଥିନ୍‌ତେ ଭିକ୍ରିଥିକଲ୍' (ଈଶ୍ୱରଙ୍କ ଚପଳତା) ଇତ୍ୟାଦି ଇଂରାଜୀରେ ଅନୁଦିତ ହୋଇଛି ସତ୍ୟ, କିନ୍ତୁ ଦିଲ୍ଲୀର ପରିବେଶ ଦ୍ୱାରା ପ୍ରଭାବିତ ହୋଇ ସେ ରଚନା କରିଥିବା ଉପନ୍ୟାସ 'ଦିଲ୍ଲୀ', 'ଦିଲ୍ଲୀ ୧୯୮୧', ବିଶେଷତଃ ୨୦୨୧ ବର୍ଷରେ ପ୍ରକାଶିତ ଓ ଜେ.ସି.ବି ପୁରସ୍କାରପ୍ରାପ୍ତ 'ଦିଲ୍ଲୀ : ଏ ସଲିଲକି' ଉପନ୍ୟାସ ବୃହତ୍ତର ପାଠକ ଗୋଷ୍ଠୀର ଶ୍ରଦ୍ଧାଭାଜନ ହୋଇପାରିଛି, ଯେହେତୁ ସେଥିରେ ଦିଲ୍ଲୀର ଆଦ୍ୟାବସ୍ଥା ଗ୍ରାମ୍ୟଜୀବନ, କୋଟ୍‌ଲା ମୁବାରକପୁରରେ ବିଚରଣରତ ମଇଁଷି, ବିଶାଳ ଗହମ ଓ ଫୁଲକୋବି କ୍ଷେତ ସହିତ ଭାରତ-ଚୀନ୍ ଯୁଦ୍ଧ, ତିନିଥର ଭାରତ-ପାକିସ୍ତାନ ଯୁଦ୍ଧ, ଇନ୍ଦିରା ଗାନ୍ଧିଙ୍କ ହତ୍ୟା, ଶିଖ ସମ୍ପ୍ରଦାୟ ଉପରେ ଆକ୍ରମଣ, ଦାରିଦ୍ର୍ୟ, କ୍ଷୁଧା, ଧାର୍ମିକ-ଜାତିଗତ ଅତ୍ୟାଚାର ଇତ୍ୟାଦିର ବର୍ଣ୍ଣନା ଏପରିକି କେତେକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ସ୍ଥାନିତ ହୋଇଛି ଏବଂ ଛୋଟ ଝିଅ ପିଙ୍କି ଚରିତ୍ରଟି ଖୁବ୍ ପ୍ରଭାବଶାଳୀ ହୋଇପାରିଛି ।

ନବୀନ ଚୌଧୁରୀଙ୍କ ପ୍ରଥମ ଉପନ୍ୟାସ 'ଜନତା ଷ୍ଟୋର୍' ୧୦ଟି ସର୍ବାଧିକ ବିକ୍ରି ହୋଇଥିବା ହିନ୍ଦୀ ଉପନ୍ୟାସ ମଧ୍ୟରେ ଅନ୍ୟତମ, ବିଶେଷତଃ ୨୦୨୧ ବର୍ଷ ଅକ୍ଟୋବର ମାସରେ ପ୍ରକାଶିତ ଓ ମିଡିଆ, ପୋଲିସ୍, ପଲିଟିକ୍ସ ଆଧାରିତ ତାଙ୍କର ୨ୟ ଉପନ୍ୟାସ 'ଧାୟି ଚଲ୍' ପାଠକମାନଙ୍କ ଦ୍ୱାରା ସମାଦୃତ, ଯେହେତୁ ସେଗୁଡ଼ିକରେ ସାମ୍ପ୍ରତିକ ପରିବେଶ ଓ ପରିସ୍ଥିତିର ପ୍ରଭାବ ପରିଚ୍ଛନ୍ନ ଭାବରେ ଲକ୍ଷ୍ୟଣୀୟ।

୨୦୨୧ ବର୍ଷରେ ପ୍ରକାଶିତ 'ଫଲ୍ସ ଆଲିଜ୍ : ଇଣ୍ଡିଆଜ୍ ମହାରାଜାଜ୍ ଇନ୍ ଦି ଏଜ୍ ଅଫ୍ ରବି ବର୍ମା' ପୁସ୍ତକର ରଚୟିତା ଇତିହାସ-ଲେଖକ ମନୁ ପିଲାଇଙ୍କୁ ଅକ୍ଟୋବର ମାସରେ ପ୍ରଶ୍ନଟିଏ ପଚରାଯାଇଛି, 'ଆଜିର ରାଜନେତାମାନେ ଅତୀତର ମହାରାଜାମାନଙ୍କଠାରୁ ଶାସନ-ପ୍ରକ୍ରିୟା ସମ୍ବନ୍ଧୀୟ କୌଣସି ଶିକ୍ଷା ଲାଭ କରିପାରିବେ କି ?', ଯାହାର ଉତ୍ତରରେ ମନୁ ପିଲାଇ କହିଛନ୍ତି, 'ଅତୀତର ମହାରାଜାମାନଙ୍କୁ ରାଜନେତା ଭାବରେ ଲକ୍ଷ୍ୟ କରିବାର ଆବଶ୍ୟକତା ରହିଛି । ଆଜିର ରାଜନେତାଙ୍କ ଭଳି ସେମାନଙ୍କର ସ୍ୱାର୍ଥ ଓ ଅଭିଳାଷ ଥିଲା, କିନ୍ତୁ ନିଜ ରାଜ୍ୟ ଓ ଭାରତ ପାଇଁ ସ୍ୱପ୍ନ ମଧ୍ୟ ଥିଲା । ବରୋଦାର ଶିବାଜୀରାଓ ଗାଇକୱାଡ଼୍ କହୁଥିଲେ, ଆମେ ଏକ ଭାରତୀୟ ଜାତି ହୋଇ ରହିବା ପାଇଁ ଗଡ଼ଜାତ ରାଜ୍ୟଗୁଡ଼ିକର ତା' ସହିତ ମିଶ୍ରଣ ହେବା ଉଚିତ, ବିକାନିର୍ ମହାରାଜା ଗଣତାନ୍ତ୍ରିକ ଶକ୍ତି ସହିତ ସହଯୋଗର କଥା କହୁଥିଲେ, ଟ୍ରାଭାଙ୍କୋର୍‌ର ଶାସକ ଲେଖିଥିଲେ ଯେ ବ୍ରିଟିଶ୍‌ମାନେ ଭାରତୀୟମାନଙ୍କୁ କ୍ଷମତା ନିଶ୍ଚିତ ହସ୍ତାନ୍ତର କରିବାର କଥା । ତତ୍କାଳୀନ ଏହି ରାଜା ମହାରାଜାମାନେ କ୍ଷମତା ପ୍ରତି ଆସକ୍ତ ଥିଲେ, କିନ୍ତୁ ନିଜର ବିବେକକୁ ମଧ୍ୟ ପ୍ରୟୋଗ କରୁଥିଲେ ।' ବ୍ରିଟିଶ ଶାସନାଧୀନ ଭାରତରେ ରାଜକୀୟ ପରିବେଶରେ ରହି ସୁଦ୍ଧା ଉପରୋକ୍ତ ମହାରାଜାମାନେ ନିଜର ବିବେକ ଓ ଜାତୀୟ ଚିନ୍ତନ ଦ୍ୱାରା ପରିଚାଳିତ ହେଉଥିଲେ, ଯାହା ଖୁବ୍ ପ୍ରଭାବିତ କରିଛି ମନୁ ପିଲାଇଙ୍କ ଭଳି ଲେଖକଙ୍କୁ । ଯେକୌଣସି ପରିବେଶ ଓ ସେହି ପରିବେଶରେ ବର୍ଦ୍ଧିତ ଯେକୌଣସି ବ୍ୟକ୍ତିର ମାନସିକତା ଜଣେ ଲେଖକଙ୍କୁ ପ୍ରଭାବିତ କରିବା ନିଶ୍ଚିତ।

୧୯୯୯ ବର୍ଷ ନଭେମ୍ବର ମାସରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହୋଇଥିଲା 'ଜାତୀୟ ଉପନ୍ୟାସ ଲିଖନ ମାସ' (ନେସ୍‌ନାଲ୍ ନଭେଲ୍ ରାଇଟିଂ ମନଥ୍), ମାତ୍ର ୨୧ଜଣ ଲେଖକ ସେତେବେଳେ ଉପନ୍ୟାସ ଲେଖା ଆରମ୍ଭ କରିଥିଲେ, ୨୦୨୧ ବର୍ଷ ନଭେମ୍ବର ମାସରେ ପ୍ରକାଶିତ ରିପୋର୍ଟ୍ ଅନୁଯାୟୀ ଏବେ ଉପନ୍ୟାସ ଲେଖୁଥିବା ଲୋକଙ୍କ ସଂଖ୍ୟା ଆଠ ଲକ୍ଷରେ ପହଞ୍ଚିଛି । ପ୍ରତି ଲେଖକ ପ୍ରତି ବର୍ଷ ନଭେମ୍ବର ମାସରେ ଗୋଟିଏ ଉପନ୍ୟାସର ୫୦,୦୦୦ ଅର୍ଥାତ୍ ଦିନକୁ ୧,୬୬୭ ଶବ୍ଦ ଲେଖିବାର ଲକ୍ଷ୍ୟ ପୂରଣ କରନ୍ତି । ସେହି ଯୋଜନା ଅନୁଯାୟୀ ୨୦୨୧ ବର୍ଷ ନଭେମ୍ବର ମାସରେ ପ୍ରାୟ ୫,୦୦୦ ଭାରତୀୟ ହିନ୍ଦୀ, ମରାଠୀ ସମେତ ଅନ୍ୟାନ୍ୟ ଭାଷାରେ ଉପନ୍ୟାସ ରଚନା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଗ୍ରାମ ଓ ନଗର, ସହର ଅଞ୍ଚଳର ଯୁବକଙ୍କ ଠାରୁ ୭୦ବର୍ଷ ବୟସ୍କ ବୃଦ୍ଧଙ୍କ ପର୍ଯ୍ୟନ୍ତ ଲୋକ । ୪୨ ବର୍ଷ ବୟସ୍କା କବୟିତ୍ରୀ, ସଂପାଦିକା, ଦିଲ୍ଲୀ ବାସିନ୍ଦା ସୋନିଆ ଡୋଗ୍ରା ଏକ ପୂର୍ଣ୍ଣାଙ୍ଗ ଉପନ୍ୟାସ ରଚନାର ଉଦ୍ଦେଶ୍ୟ ନେଇ ୨୦୨୧ ନଭେମ୍ବର ମାସରେ ଦିନକୁ ୨,୦୦୦ ଶବ୍ଦ ଲେଖୁଛନ୍ତି, ଯେଉଁ ଉପନ୍ୟାସଟି ହେବ ୧୯୩୬-୧୯୪୭ କାଳଖଣ୍ଡର ୩ଜଣ ସାଧାରଣ ମଣିଷଙ୍କ ଜୀବନ-ଯାତ୍ରାର କାହାଣୀ । 'ଜାତୀୟ ଉପନ୍ୟାସ ଲିଖନ ମାସ'ରେ ନିଶା ସୁସାନ୍ ଲେଖିଛନ୍ତି ତାଙ୍କର ପୁସ୍ତକ 'ଦି ୱିମେନ୍ ହୁ ଫରଗଟ୍ ଟୁ ଇନ୍‌ଭେଷ୍ଟ ଫେସ୍‌ବୁକ୍ ଆଣ୍ଡ ଅଦର୍ ଷ୍ଟୋରିଜ୍' । ଏହି ଯୋଜନାରେ ଦୁଇଖଣ୍ଡ ଉପନ୍ୟାସ ଲେଖିଥିବା ସୋନିଆ ରାଓ କହନ୍ତି, 'ଜାତୀୟ ଉପନ୍ୟାସ ଲିଖନ ମାସରେ ନିଜେ ଲେଖିବା ଓ ଅନ୍ୟ ଲେଖକମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପଥ ପ୍ରଦର୍ଶନ କରିବା ଖୁବ୍ ସନ୍ତୋଷଜନକ ।' ଅନ୍ୟ ଜଣେ ଲେଖିକା ମଲାଇକା ଶିରାଯି କହନ୍ତି, 'ମୁଁ ଦିନକୁ ୧,୦୦୦ ଶବ୍ଦ ଲେଖିବାକୁ ଚେଷ୍ଟା କରୁଛି । ନିୟମିତ ଲେଖାଲେଖି ଅଭ୍ୟାସ ରଖିବା ମୋର ଲକ୍ଷ୍ୟ ।'

ଯେଭଳି 'ଜାତୀୟ ଉପନ୍ୟାସ ଲିଖନ ମାସ' ନଭେମ୍ବର (ପ୍ରତ୍ୟେକ ଅଂଶଗ୍ରହଣକାରୀ ଏହି ମାସରେ ଗୋଟିଏ ଉପନ୍ୟାସର ୫୦,୦୦୦ ଶବ୍ଦ ଲେଖନ୍ତି), ଠିକ୍ ସେହିଭଳି 'ଚିତ୍ରାଙ୍କନ ମାସ' ଅକ୍ଟୋବର (ପ୍ରତି ଚିତ୍ରକର ଏହି ମାସରେ ଦୈନିକ ଗୋଟିଏ ଚିତ୍ର ଅଙ୍କନ କରନ୍ତି), 'ଜାତୀୟ କବିତା ଲିଖନ ମାସ' ଏପ୍ରିଲ୍ (ପ୍ରତି ଅଂଶଗ୍ରହଣକାରୀ ଏହି ମାସରେ ପ୍ରତିଦିନ ଗୋଟିଏ କବିତା ଲେଖନ୍ତି), 'ଆଲ୍‌ବମ୍ ପ୍ରସ୍ତୁତି ମାସ' ଫେବୃୟାରୀ (ପ୍ରତି ସଂଗୀତଜ୍ଞ ଏହି ମାସର ୨୮ଦିନରେ ୧୪ଟି ମୌଳିକ ସଙ୍ଗୀତର ଆଲ୍‌ବମ୍ ପ୍ରସ୍ତୁତ କରନ୍ତି) । ଏ ସମସ୍ତର ଉଦ୍ଦେଶ୍ୟ ହେଉଛି ନିୟମିତ ଅଭ୍ୟାସକୁ ଜାରୀ ରଖି ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ଅର୍ଜନ କରିବା । ଔପନ୍ୟାସିକ, ଚିତ୍ରକର, କବି, ସଙ୍ଗୀତଜ୍ଞ ଓ ଅନ୍ୟ ସୃଜନଶୀଳ ବ୍ୟକ୍ତିମାନେ ଉଭୟ ଅତୀତ, ବର୍ତ୍ତମାନର ପରିବେଶ, ପରିସ୍ଥିତି ଦ୍ୱାରା ପ୍ରଭାବିତ ହୁଅନ୍ତି ଓ ଭବିଷ୍ୟତ ଉପରେ ମଧ୍ୟ ଦୃଷ୍ଟି ନିବଦ୍ଧ ରଖିଥାଆନ୍ତି । କେବଳ ଧାରାବାହିକ ଅଭ୍ୟାସ ଦ୍ୱାରା ସେମାନେ ନିଜନିଜ ସାଧନାର କ୍ଷେତ୍ରରେ ଅତୀତ-ବର୍ତ୍ତମାନ-ଭବିଷ୍ୟତର ସମନ୍ୱୟ କରାଇ ସୃଜନ ପ୍ରକ୍ରିୟାରେ ପାରଦର୍ଶୀ ହୁଅନ୍ତି। ସଙ୍ଗୀତଜ୍ଞ ଶରଦ ନେରୁଲ୍‌କର୍, ଚୈତନ୍ୟ ତାମ୍‌ହାନେ, କୁମାର ଗନ୍ଧର୍ବ, ଟି.ଏମ୍. କ୍ରିଷ୍ଣା ସ୍ୱୀକାର କରନ୍ତି ଯେ ଆତ୍ମାକୁ ସ୍ପର୍ଶ କରୁଥିବା ସଙ୍ଗୀତ ଗାୟନ ଏକ ତପସ୍ୟା, ଏକ ମହାର୍ଘ ଆକର୍ଷଣ, ସେଭଳି ସଙ୍ଗୀତର କ୍ରମ ଉତ୍ତରଣ କେବଳ ସଂଯତ ପରିବେଶରେ ହିଁ ସମ୍ଭବ, ସୁତରାଂ ସ୍ୱାଭାବିକ ଭାବରେ ଜଣେ ସଙ୍ଗୀତଜ୍ଞ ପୁରସ୍କାର, ପ୍ରଶସ୍ତି, ସଫଳତା ଓ ସ୍ୱୀକୃତିର ଊର୍ଦ୍ଧ୍ୱରେ । ହିନ୍ଦୁସ୍ତାନୀରେ ଧ୍ରୁପଦ ଖୟାଲ୍ ଠୁମ୍ରୀ, କର୍ଣ୍ଣାଟକୀରେ ଗୀତମ୍ ପଦମ୍ ବର୍ଣ୍ଣମ୍, ଓଡ଼ିଶୀରେ ଚମ୍ପୁ ଛାନ୍ଦ ଭଜନ ଚଉତିଶା ଗାୟନ ସୂଚାଇଦିଏ ଜଣେ ସଙ୍ଗୀତଜ୍ଞ ପାଇଁ ସଙ୍ଗୀତ ଏକ ପବିତ୍ର ଉପାସନା । କେବଳ ସଙ୍ଗୀତ ନୁହେଁ, ସାହିତ୍ୟ ଚିତ୍ରାଙ୍କନ ଇତ୍ୟାଦି ସମସ୍ତ ସୃଜନଶୀଳ କ୍ଷେତ୍ରରେ ସାଧନାରତ ବ୍ୟକ୍ତିମାନେ ନିଜର ପରିବେଶ ଦ୍ୱାରା ନିଶ୍ଚିତ ପ୍ରଭାବିତ ହେବେ, କିନ୍ତୁ ପରିବେଶ ପ୍ରତି ସେମାନଙ୍କର ସଂଯତ ସୁସଂହତ ପ୍ରତିକ୍ରିୟାରୁ କାଳାତୀତ କଳାର ସୃଜନ ସମ୍ଭବ ହେବ ।

# ଶିଖେଇଥିଲା 'ଅ' ଏବେ ଡାକୁଛି 'ଆ'



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ନିକଟରେ ଏକ ଖବର ଶୁଣିବାକୁ ପାଇଲି ଯେ, ପୁରାତନ ଛାତ୍ରଛାତ୍ରୀମାନଙ୍କର ସହଯୋଗରେ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ, ଗୁଣାତ୍ମକ ଶିକ୍ଷା ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାର 'ପଞ୍ଚସଖା ଶିକ୍ଷା ସେତୁ' ନାମରେ ଏକ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି। ଯାହା ପାଇଁ 'ବାଇ ଲ' ମଧ୍ୟ ପ୍ରସ୍ତୁତି ସରିଛି । ଆସନ୍ତା ବର୍ଷ ଆରମ୍ଭରୁ ଏହା କାର୍ଯ୍ୟକାରୀ ହେବ । ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଅର୍ଥ, ଶିକ୍ଷା ଉପକରଣ ସାମଗ୍ରୀ, ନିଜର ସୁଚିନ୍ତିତ ମତାମତ ଓ ନିଜର ଶ୍ରମ ଦାନ କରି ବିଦ୍ୟାଳୟର ବିକାଶରେ ନିଜକୁ ସାମିଲ କରିପାରିବେ । ଏହା ଦ୍ୱାରା କେବଳ ଆନୁଷ୍ଠାନିକ ବିକାଶ ହେବ ତାହା ନୁହେଁ ବରଂ ପୃଥିବୀର କୋଣ ଅନୁକୋଣରେ ରହୁଥିବା ପ୍ରତ୍ୟେକଟି ଓଡ଼ିଆ ପିଲା ନିଜର କର୍ମମୟ ଜୀବନରେ ଅନ୍ତତଃ ପକ୍ଷେ ଥରେ ନିଜର ଅନୁଷ୍ଠାନ କଥା ଚିନ୍ତା କରିବେ। ଆଜି ଯିଏ ଯେଉଁ ପଦରେ ଅଧିଷ୍ଠିତ ହୋଇଥାଏ ନା କାହିଁକି, ଯିଏ ଯେଉଁଠି ରହିଥାଉ ନା କାହିଁକି, ତାର ପ୍ରଚ୍ଛଦ ପଟରେ ବିଦ୍ୟାଳୟର ଭୂମିକା ନିହାତି ରହିଛି ତେଣୁ ବିଦ୍ୟାଳୟ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୂରତ୍ୱକୁ ହ୍ରାସ କରିବା ଏହାର ଅନ୍ୟ ଏକ ପ୍ରମୁଖ ଆଭିମୁଖ୍ୟ । ଏହିଭଳି ଏକ ଖବର ପାଇବା କ୍ଷଣି ହଠାତ୍ ମୋର ମନେ ପଡ଼ିଗଲା ଦୀର୍ଘ ତିନି ଦଶନ୍ଧିରେ ସ୍ମୃତି। ରୋମାଞ୍ଚ ଭରିଗଲା ମନରେ । ଅନେକ ଦିନ ତଳର ସ୍ମୃତି ସବୁ ତାଜା ହୋଇ ଉଠିଲେ । ମୁହୂର୍ତ୍ତକ ମଧ୍ୟରେ ମୋର ଭାବନା ରାଜ୍ୟ ଟାଣି ନେଲା ସ୍କୁଲ ଦିନକୁ। ମନେପଡିଗଲା ବିଦ୍ୟାଳୟ ଜୀବନ କଥା, ସେ ଭଙ୍ଗା ପାଚେରୀ, ଭୂ-ପତିତ ଭିତ୍ତିପ୍ରସ୍ତର, କଳାପଟାରେ ଏଣୁତେଣୁ ଟଣାଯାଇଥିବା ଭବିଷ୍ୟତର ଗାର, ପଛରୁ ଡାକୁଥିବା ଛୁଟି ବେଳର ଘଣ୍ଟିର ସ୍ୱର... । ଯେଉଁଠି ମୁଁ ହସି ଖେଳି ସାଙ୍ଗସାଥୀ ମେଳରେ ପିଲାଦିନ କଟେଇଥିଲି । ଯିଏ ମୋ ପାଟିରେ ଭାଷା, ହାତରେ କଲମ ଧରାଇଥିଲା, ଯିଏ ମୋ ଜୀବନର ମୂଳଦୁଆ ପକେଇଥିଲା, ଯାହା ପାଇଁ ଆଜି ମୁଁ ମୋର ପରିଚୟ ପାଇଛି ତାହାର ପ୍ରଥମ ଶ୍ରେୟ ଯାଏ ଯାହାକୁ, ସେ ହେଉଛି ମୋ ସ୍କୁଲ । ଏହି ମଣିଷ ତିଆରି କାରଖାନାର ଝାଟି ମାଟି ନିର୍ମିତ ଚାରି କାନ୍ଥ ଦ୍ୱାରା ଆବଦ୍ଧ ଶ୍ରେଣୀ କଠିଘରୁ ମୋ ଶିକ୍ଷା ଜୀବନର ଅୟମାରମ୍ଭ କରିଥିଲି । ସେଦିନ ମୋତେ ମୋ ବିଦ୍ୟାଳୟ ଶିଖେଇଥିଲା ଓଡ଼ିଆ ବର୍ଣ୍ଣବୋଧ 'ଅ'। ସେହି 'ଅ' ଶବ୍ଦ ଆଜି ଗଢ଼ିଛି ସୌଧ ଯାହା ମୋର ପରିଚୟ । ସତରେ ସେ ବିଦ୍ୟାଳୟ ମାଟି ନୁହେଁ ମା'ଟି । ମୋର ଶୈଶବର ଚପଳତା, ବାଲ୍ୟତ ଅବସ୍ଥାର ଦୁଷ୍ଟାମୀ, କୈଶୋରର ନଖାରମୀ, ଯୁବା ଅବସ୍ଥାର ଚଞ୍ଚଳତାକୁ ନୀରବଦ୍ରଷ୍ଟା ସାଜି ଅତି ଆଦରରେ ଆପଣାର ସହ କୋଳେଇ ନେଇ ମୋର ଜୀବନର ବିଧାଣୀ ସାଜିଛି । ସୃଷ୍ଟି କରିଛି ମୋର ପରିଚୟ । ମୋର ଜନ୍ମ ପାଇଁ ମୁଁ ମୋର ମାଆ ଆଗରେ ଋଣି ହୋଇପାରେ ସତ କିନ୍ତୁ ମୋର ଜ୍ଞାନର ପରିସୀମାକୁ ବ୍ୟାପକ କରିବା ତଥା ମଣିଷ ପରି ମଣିଷଟିଏ କରି ଗଢି ତୋଳିବା ନିମିତ୍ତ ମୁଁ ମୋର ବିଦ୍ୟାଳୟ ଆଗରେ ନତମସ୍ତକ । ମୋ ବିଦ୍ୟାଳୟ ଥିଲା ମୋ ପାଇଁ ଜ୍ଞାନର ମନ୍ଦିର । ଯାହାର ପ୍ରତିଟି ପାବଛ ଜ୍ଞାନ, ଭକ୍ତି ସେବା, ପରୋପକାର, ନିଷ୍ଠା, ଆତ୍ମନିର୍ଭରଶୀଳ ଓ ସମୟାନୁବର୍ତ୍ତିତା ଭଳି ପବିତ୍ର ଗୁଣରେ ସମୃଦ୍ଧ । ମୋ ବିଦ୍ୟାଳୟ ଯୋଗୁଁ ମୁଁ ଆଜି ଶିକ୍ଷାଦାନ ଭଳି ଏକ ପବିତ୍ର କର୍ମରେ ନିୟୋଜିତ ହୋଇପାରିଛି । ଆମ ସମସ୍ତଙ୍କର ବିଦ୍ୟାଳୟରେ ଅଧ୍ୟୟନ ସମୟର ଅନେକ ସ୍ମୃତି,ଅନୁଭୂତି ଓ ଇତିବୃତି ବିଦ୍ୟାଳୟର କୋଣ ଅନୁକୋଣରେ ସମାହିତ ହେଉଅଛି । ସେହିଭଳି ମହା ସାମ୍ରାଜ୍ୟର ପ୍ରାଙ୍ଗଣ ବର୍ଷବର୍ଷ ଧରି ଶିକ୍ଷା କାଦମ୍ବିନୀକୁ ପ୍ରତ୍ୟେକଙ୍କ ହୃଦୟରେ ଅଙ୍କୁରିତ କରିଛି । ଶିକ୍ଷାର ଏ ମନ୍ଦାକିନୀ ଧାରା ଯୁଗ ଯୁଗ ପ୍ରବାହିତ ହେଉଥାଉ । ଧନ୍ୟ ସେ ବିଦ୍ୟାଳୟ ! ଧନ୍ୟ ତାର ପବିତ୍ର ଆଳୟ ! ଧନ୍ୟ ତାହାର ପବିତ୍ର ଅଗଣା ! ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠାନର ବିକାଶରେ ସାମିଲ କରିବା ଏବଂ ସେମାନଙ୍କୁ ଅନୁଷ୍ଠାନ ସହ ଓତଃପ୍ରୋତ ଭାବେ ଜଡ଼ିତ ରହିବା ଉଦ୍ଦେଶ୍ୟରେ ୨୦୧୭ ମସିହା ନଭେମ୍ବର ମାସ ୧୪ ତାରିଖ, ଶିଶୁ ଦିବସରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିବା 'ମୋ ସ୍କୁଲ ଅଭିଯାନ'ର ଏକ ନୂତନ ରୂପରେଖ ହେଉଛି 'ପଞ୍ଚସଖା ଶିକ୍ଷା ସେତୁ' । ବର୍ତ୍ତମାନର ସରକାର ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ପରିବର୍ତ୍ତନ କରି ଓଡ଼ିଶାର ପଞ୍ଚସଖା (ବଳରାମ ଦାସ,ଅଚ୍ୟୁତାନନ୍ଦ ଦାସ,ଅତିବଡ଼ି ଜଗନ୍ନାଥ ଦାସ,ଯଶୋବନ୍ତ ଦାସ,ଶିଶୁ ଅନନ୍ତ ଦାସ)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ବର୍ତ୍ତମାନର ସରକାର ତାହାକୁ 'ପଞ୍ଚସଖା ଶିକ୍ଷା ସେତୁ' ନାମରେ ନାମିତ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଓଡ଼ିଶାର ୫୮,୨୬୫ଟି ସରକାରୀ ବିଦ୍ୟାଳୟର ଆନୁଷ୍ଠାନିକ ବିକାଶ ହେବ ବୋଲି ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଏହା ସରକାରଙ୍କର ଏକ ଅଭିନବ ପ୍ରୟାସ। ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀ ପରସ୍ପର ପରିପୂରକ। ଅନୁଷ୍ଠାନଟି ସର୍ବଦା ତାହାର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରଭାବଶାଳୀ ହୋଇଥାଏ । ଅନୁରୂପ ଭାବେ ଛାତ୍ରଛାତ୍ରୀମାନେ ମଧ୍ୟ ନିଜର ଅନୁଷ୍ଠାନକୁ ନେଇ ବେଶ୍ ଗୌରବାନ୍ୱିତ ମନେକରିଥାନ୍ତି । ତେଣୁ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଅପେକ୍ଷା ପୁରାତନ ଛାତ୍ରଛାତ୍ରୀଙ୍କର ଶିକ୍ଷାନୁଷ୍ଠାନ ନିମନ୍ତେ ନୈତିକ ଦାୟିତ୍ୱ ରହିଛି । ଜଣେ ସୁ ନାଗରିକ ଭାବେ ସମାଜ ପାଇଁ ଜଣେ ବ୍ୟକ୍ତିର ଯେତିକି ଅବଦାନ ରହିଛି ଠିକ୍ ସେତିକି ଦାୟିତ୍ୱ ତାର ଅନୁଷ୍ଠାନ ପ୍ରତି ନିହାତି ରହିବା ଦରକାର ବୋଲି ଅନୁଭବ କରି ରାଜ୍ୟ ସରକାର ବିଦ୍ୟାଳୟର ସମସ୍ତ ଆଲୁମିନିମାନଙ୍କୁ ବିଦ୍ୟାଳୟର ଭିତ୍ତିଭୂମି(ଶ୍ରେଣୀଗୃହ, ହଷ୍ଟେଲ, ଶୌଚାଳୟ, ଲ୍ୟାବ, ଲାଇବ୍ରେରୀ, ବୈଦ୍ୟୁତିକ ଉପକରଣ, ଇଣ୍ଟରନେଟ, ପାନୀୟଜଳ, ବିଦ୍ୟାଳୟ ବାଉଣ୍ଡରି)ଇତ୍ୟାଦିର ବିକାଶ ନିମନ୍ତେ ନିଜର ଶ୍ରମ, ଅର୍ଥ ଓ ସୁଚିନ୍ତିତ ମତାମତ ଆହ୍ୱାନ କରିଛନ୍ତି । ବିଦ୍ୟାଳୟର ଯେଉଁ କ୍ଷେତ୍ରରେ ଉନ୍ନତିକରଣ ପାଇଁ ଆଲୁମିନିମାନେ ଅର୍ଥ ଦାନ କରିବେ ସେହି କ୍ଷେତ୍ରରେ ଉନ୍ନତି ନିମନ୍ତେ ଦୁଇଗୁଣା ଅର୍ଥ ରାଜ୍ୟ ସରକାର ସଂପୃକ୍ତ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରି ସହଭାଗିତା ମାଧ୍ୟମରେ ପ୍ରଗତିର ଲକ୍ଷ୍ୟ ରଖିଛନ୍ତି ସରକାର । ସମୟ କହିବ ଏହାର ପୂର୍ଣ୍ଣାଙ୍ଗ ରୂପରେଖ କ'ଣ ହେଉଛି । ମୋ ବିଦ୍ୟାଳୟ ମୋର ଗର୍ବ ଓ ଗୌରବ। ସେ ମତେ ସିଖେଇଥିଲା 'ଅ' ଏବେ ଡାକୁଛି 'ଆ' । ମୁଁ ଯିବି ନିଶ୍ଚୟ ଯିବି । ଆପଣମାନେ ଆସନ୍ତୁ ନା ! ଆମେ ସମସ୍ତେ ଯିବା । ସହଭାଗିତା ମାଧ୍ୟମରେ ନିଜର ଅନୁଷ୍ଠାନ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରତି ପ୍ରେରଣାର ଉତ୍ସ ପାଲଟି ଯିବା। ସରକାରଙ୍କର ଏହି ଯୋଜନା ମାଧ୍ୟମରେ ଆମର ଅନୁଷ୍ଠାନ ସହ ଯୋଡ଼ି ହେବା ପାଇଁ ଏକ ସୁଯୋଗ ଆସିଛି । ଏହା ମୋର ଦୃଢ଼ ବିଶ୍ୱାସ ଯେ ପୁରାତନ ଛାତ୍ରଛାତ୍ରୀମାନେ ଅଣ୍ଟା ଭିଡ଼ିଲେ ଆଗାମୀ ପିଢ଼ିର ପିଲାଙ୍କ ପାଇଁ ଆମେ ଏକ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟି କରି ସରକାରଙ୍କର ଏହି ଅଭିନବ ପ୍ରୟାସକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା । ତେଣୁ ହେ ପୁରାତନ ଛାତ୍ରଛାତ୍ରୀ ବନ୍ଧୁମାନେ ! ନିଜର କର୍ତ୍ତବ୍ୟ ସମ୍ପାଦନା କରିବା ନିମନ୍ତେ ଆଗେଇ ଆସନ୍ତୁ । ଶପଥ ନିଅନ୍ତୁ । ଏ ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ଭଳି ତେଜୀୟାନ ହୋଇ ନିଜର ଅନୁଷ୍ଠାନ ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମୟ ଦେଇ ତାର ଭିତ୍ତିଭୂମିକୁ ଉନ୍ନତି କରିବା ସହ ବିଦ୍ୟାଳୟର ସଫଳତାର ସ୍ତମ୍ଭକୁ ମଜଭୁତ କରିବା ।

# ଅଧାରୁ ପାଠଛାଡ଼



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, କାର୍ଯ୍ୟକାରୀତା କରିବା ତୁଳନାରେ ଅଧିକାର ସାବ୍ୟସ୍ତ ସଂକ୍ରାନ୍ତୀୟ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ସହଜ। ଆମ ଦେଶରେ ୬ରୁ ୧୪ବର୍ଷ ମଧ୍ୟରେ ମାଗଣା ଓ ସାର୍ବଜନୀନ ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ଶିକ୍ଷା ଅଧିକାର(ରାଇଟ୍ ଟୁ ଏଜୁକେଶନ) ଆଇନ ପ୍ରଣୟନ ହୋଇଛି। ମାତ୍ର ଏହା ବର୍ତ୍ତମାନ ସୁଦ୍ଧା ସଫଳ ଭାବେ କାର୍ଯ୍ୟକାରୀ ହୋଇନଥିବା କୁହାଯାଇପାରେ। ୬ରୁ ୧୪ବର୍ଷ ମଧ୍ୟରେ ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢାଇବା ପାଇଁ ସରକାର ମାଗଣା ମଧ୍ୟାହ୍ନ ଭୋଜନ ସହ ମାଗଣାରେ ସ୍କୁଲ ୟୁନିଫର୍ମ, ବହିପତ୍ର ଯୋଗାଇ ଦେଇଥିବା ସତ୍ତ୍ୱେ ସମସ୍ତଙ୍କୁ ଶିକ୍ଷା ବର୍ତ୍ତମାନ ସୁଦ୍ଧା ସଫଳ ହୋଇପାରିନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ୨୦୨୪-୨୫ ଶିକ୍ଷାବର୍ଷକୁ ଗ୍ରହଣ କରାଯାଇପାରେ। ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମ ଆଠ ମାସରେ ୧.୧୭ ନିୟୁତ ପିଲା ସ୍କୁଲବାହାରେ ଥିବା ସରକାରୀ ତଥ୍ୟ କହେ। ପିଲାଙ୍କୁ ପାଠପଢା ପାଇଁ ଆଗ୍ରହ ସୃଷ୍ଟି କରିବା ସକାଶେ ବହୁ ଯୋଜନା ଓ ନୀତି ସତ୍ତ୍ୱେ ଭାରତର ଶିକ୍ଷା ବ୍ୟବସ୍ଥାରେ ସ୍କୁଲ ବାହାରେ ପିଲା ରହିବା ବା ସ୍କୁଲ ନଯିବା ଏବେ ବଡ ଏକ ଅବାଧ ପ୍ରସଙ୍ଗ ହୋଇରହିଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଦେଶରେ ଜନସଂଖ୍ୟା ଓ ବିଶାଳ ସଂଖ୍ୟକ ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ବହୁ ପିଲା ସ୍କୁଲ ବାହାରେ ରହିଯିବା ଅସ୍ୱାଭାବିକ ନୁହେଁ। ଚଳିତ ବର୍ଷ ଉତ୍ତରପ୍ରଦେଶରେ ସ୍କୁଲ ବାହାରେ ୭,୮୪,୨୨୮ ପିଲା ରହିଯାଇଥିବା ବେଳେ ଝାଡଖଣ୍ଡ ଓ ଆସାମରେ ୬୦ହଜାରରୁ ଊର୍ଦ୍ଧ୍ୱ ଲେଖାଏଁ ପିଲା ସ୍କୁଲ ବାରଣ୍ଡା ମାଡି ନଥିବା ସରକାରୀ ପରିସଂଖ୍ୟାନରୁ ଜଣାଯାଏ। ଯେଉଁମାନେ ସ୍କୁଲ ବାହାରେ ରହିଯାଇଛନ୍ତି, ପିଲାମାନଙ୍କ ପାଇଁ ଏହି ସଂଖ୍ୟା ଏକ ସତର୍କ ଘଣ୍ଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପିଲାମାନେ କେବଳ ଶିକ୍ଷାରୁ ବଂଚିତ ହେଉନାହାଁନ୍ତି। ସେମାନେ ସେମାନଙ୍କର ପ୍ରତିଭା ବିକାଶ ତଥା ରୋଜଗାର (ଉପାର୍ଜନ) କରିବାର ଦକ୍ଷତା ହରାଉଛନ୍ତି ବୋଲି କୁହାଯାଇପାରେ। ଏହା ସେମାନଙ୍କ ଦାରିଦ୍ର୍ୟ ଏବଂ ସାମାଜିକ ଦକ୍ଷତା ଅଭାବକୁ ଚିରସ୍ଥାୟୀ କରିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ। ସୂଚନାଯୋଗ୍ୟ ଯେ, ଜାତୀୟ ସାମ୍ପଲ ସର୍ଭେ (ଏନଏସଏସ) ରିପୋର୍ଟରେ କୁହାଯାଇଛି ଯେ, ୨୦୧୭-୧୮ ଶିକ୍ଷା ବର୍ଷରେ ୧୨.୪ ପ୍ରତିଶତ ପିଲା ସ୍କୁଲ ବାହାରେ ରହିଥିଲେ। ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ ସତ୍ତ୍ୱେ ବାଳକଙ୍କ ତୁଳନାରେ ବହୁସଂଖ୍ୟକ ବାଳିକା ଅଧାରୁ ପାଠଛାଡି ଦେଇଥିବା ଜଣାଯାଏ। ଏହି ବାଳିକାମାନେ ସାଧାରଣତଃ ଦଳିତ ଏବଂ ପଛୁଆ ବର୍ଗ। ଉଚ୍ଚବର୍ଗ ତଥା ଆର୍ଥିକ ଦୃଷ୍ଟିରୁ ସବଳ ଏବଂ ସହର ତୁଳନାରେ ଗ୍ରାମାଂଚଳରେ ବାଳକମାନଙ୍କ ତୁଳନାରେ ବାଳିକା ଅଧାରୁ ପାଠ ଛାଡୁ ଥିବା ଏକ ଅନୁଧ୍ୟାନ ରପୋର୍ଟରୁ ଜଣାଯାଇଛି। ଆହୁରି ମଧ୍ୟ ଆଦିବାସୀ ପରିବାରର ଝିଅ ସ୍କୁଲ ବାରଣ୍ଡା ମାଡୁ ନଥିବା ବେଳେ ଦକ୍ଷିଣାଂଚଳ ତୁଳନାର ଉତ୍ତର ଏବଂ ପଶ୍ଚିମାଂଚଳରେ ବାଳିକାମାନଙ୍କ ସଂଖ୍ୟା ସର୍ବାଧିକ ରହିଛି। ସେହିପରି ଦାରଦ୍ର୍ୟସୀମା ରେଖା ତଳେ ଥିବା ଗରିବ ପରିବାରର ପିଲାମାନେ ରୋଜଗାର ଏବଂ ଘରୋଇ କାର୍ଯ୍ୟରେ ସହାୟତା ପାଇଁ ଅଧାରୁ ପାଠପଢା ଛାଡୁଛନ୍ତି। ବିଶେଷ କରି ଘରୋଇ କାର୍ଯ୍ୟ, କୃଷି ଏବଂ ଉତ୍ପାଦନ ଭିତ୍ତିକି କାର୍ଯ୍ୟରେ ବାଳିକାମାନେ ନିଜକୁ ନିୟୋଜିତ କରିଥାନ୍ତି। ଆହୁରି ମଧ୍ୟ ବାଳିକାମାନଙ୍କୁ କମ ବୟସରୁ ବିବାହ କରି ଦିଆଯାଇଥିଏ କିମ୍ବା ସେମାନଙ୍କୁ ଘର ମଧ୍ୟରେ ରଖାଯାଇଥାଏ। ଏହାର କାରଣ ସ୍କୁଲ ବହୁଦୂରରେ ରହିଥିବା ଏବଂ ସ୍କୁଲରେ ଉପଯୁକ୍ତ ପରିମଳ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ଘରେ ରହିବାକୁ ଅଭିଭାବକ ବାଧ୍ୟ କରିଥାନ୍ତି। ଏହା ସତ୍ୟ ଯେ, ସ୍ୱାଧୀନତାର ୭୫ବର୍ଷ ବି ଆମ ଦେଶର ପ୍ରାଥମିକ ହେଉ ବା ଉଚ୍ଚ ମାଧ୍ୟମିକ ହେଉ ଶିକ୍ଷାନୁଷ୍ଠାନ ଗୁଡିକରେ ଶୌଚାଳୟ କିମ୍ବା ପାଣିର ବ୍ୟବସ୍ଥା ନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ପାଠପଢା ପ୍ରତି ଆଗ୍ରହ ନଥିବା କିମ୍ବା ଦାରିଦ୍ର୍ୟ କିମ୍ବା ନିଜର ଅନୁନ୍ନତ ଅବସ୍ଥା ଯୋଗୁଁ ବହୁ ସଂଖ୍ୟକ ପିଲା ଅଧାରୁ ପାଠରେ ଡୋରି ବାନ୍ଧୁଛନ୍ତି। ସେହିପରି ବାଳିକାମାନଙ୍କର ନିରାପତ୍ତା ଏବଂ ସେମାନଙ୍କ ପାଇଁ ଉନ୍ନତମାନର ଗ୍ରହଣଯୋଗ୍ୟ ଭିତ୍ତିଭୂମିର ଅଭାବ ଅଧାରୁ ପାଠ ଛାଡିବାର ଆଉ ଏକ ମୁଖ୍ୟକାରଣ ଭାବେ ଉଭା ହୋଇଛି। ସେହିପରି ଛୋଟ ପିଲାଙ୍କୁ କାମରୁ ନିବୃତ କରାଇବା ଏବଂ ସେମାନଙ୍କ ମୌଳିକ ଶିକ୍ଷା ଉପରେ ଅଭିଭାବକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମନୋଭାବ ଅଭିଭାବକଙ୍କ ମନରୁ ଦୂର ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଜରୁରୀ। କେବଳ ଏତିକି ନୁହେଁ, ଶିଶୁ ଶ୍ରମିକ, ବାଲ୍ୟ ବିବାହ ନିଷେଧ ଏବଂ ସମସ୍ତଙ୍କୁ ଶିକ୍ଷା ଅଧିକାର ପାଇଁ ରହିଥିବା ଆଇନ ପାଠପଢା ବନ୍ଦ ପାଇଁ ଅଭିଭାବକମାନଙ୍କୁ ନିବୃତ କରାଇବାରେ ଯଥେଷ୍ଟ ନୁହେଁ ବୋଲି ସ୍ୱୀକାର କରିବାକୁ ହେବ। ଏଥିରୁ ଆମ ରାଜ୍ୟ ମଧ୍ୟ ବାଦ ପଡିନାହିଁ। ଅଧାରୁ ପାଠ ଛାଡିବା ଆମ ରାଜ୍ୟରେ ଆଶାତୀତ ଭାବେ ବଢିଚାଲିଛି। ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ପିଲା ପାସ୍ କରୁଥିବାବେଳେ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ହଜର ହଜାର ସିଟ୍ ଖାଲିପଡିବା ଏହାର ଜ୍ୱଳନ୍ତ ଉଦାହରଣ। କେବଳ ଏତକି ନୁହେଁ ପ୍ରଥମରୁ ଦଶମ ମଧ୍ୟରେ ହଜାର ହଜାର ପିଲା ଅଧାରୁ ପାଠ ଛାଡୁଛନ୍ତି। ସାମ୍ପ୍ରତିକ ସମୟରେ ଶିକ୍ଷା ଜୀବନର ମୂଳଆଧାର ହୋଇଥିବାବେଳେ ଏଭଳି ସମସ୍ୟା ଯଥାର୍ଥ ସମାଧାନ ଲାଗି ସରକାରୀ, ଅଭିଭାବକ ଚିନ୍ତା କରିବାର ସମୟ ଆସିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୧ ଜାନୁଆରୀ ୨୦୨୫ ମଙ୍ଗଳବାର





# ରଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ମହାକୁମ୍ଭରେ ହେବ ଯଜ୍ଞ

**ପ୍ରୟାଗରାଜ, ନ୍ୟୁଜ୍ ବ୍ୟୁରୋ**



ଜାପାନରୁ ମହାମଣ୍ଡଳେଶ୍ୱର ଯୋଗ ମାତା କୈଳାଦେବୀ (ପୂର୍ବ ନାମ କେଇକୋ ଆଇକାୱା)ଙ୍କ ପ୍ରାୟ ୧୫୦ ଜଣ ଜାପାନୀ ଶିଷ୍ୟ ଜାନୁଆରୀ ୨୬ ତାରିଖରେ ମହାକୁମ୍ଭକୁ ଆସି ଗଙ୍ଗାରେ ବୁଡ଼ ପକାଇବେ। ଜାପାନୀ ବଂଶୋଦ୍ଭବ କେଇକୋ ଆଇକାୱାଙ୍କୁ ଜୁନା ଆଖଡ଼ା କୈଳାଦେବୀ ନାମ ଦେଇଥିଲେ ଏବଂ ସେ ବ୍ରହ୍ମଲିନ ପାଇଲଟ ବାବାଙ୍କ ଗୁରୁ ଭଉଣୀ। ଜୁନା ଆଖଡାର ମହାମଣ୍ଡଳେଶ୍ୱର ଶୈଲେଶାନନ୍ଦ ଗିରି ମହାରାଜ କହିଛନ୍ତି, ଜାପାନରୁ ପ୍ରାୟ ୧୫୦ ଜଣଙ୍କର ଏକ ପ୍ରତିନିଧିମଣ୍ଡଳ ୨୬ ଜାନୁଆରୀରେ ପାଇଲଟ ବାବା ଶିବିରରେ ପହଞ୍ଚି ମାତା ଜୀଙ୍କ ମାର୍ଗଦର୍ଶନରେ ମହାକୁମ୍ଭରେ ସ୍ନାନ ଏବଂ ଯୋଗ କରିବେ। ସେ କହିଛନ୍ତି ଯେ ଜାପାନୀ ପ୍ରତିନିଧିମାନେ ୨୬ ଜାନୁଆରୀରେ ପାଇଲଟ ବାବା ଶିବିରକୁ ମଧ୍ୟ ଆସନ୍ତୁ। ଏଥିପାଇଁ ଶିବିରରେ ଏକ ସ୍ୱତନ୍ତ୍ର ଡାଇନିଂ ହଲ ପ୍ରସ୍ତୁତ କରାଯାଉଛି। ଯେଉଁଠାରେ ସମ୍ପୂର୍ଣ୍ଣ ନିରାମିଷ ବୈଦିକ ଖାଦ୍ୟ ପ୍ରସ୍ତୁତ କରାଯିବ। ଜାପାନର ଲୋକଙ୍କ ମାର୍ଗଦର୍ଶନରେ ଏଠାକାର ଲୋକମାନେ ଖାଦ୍ୟ ପ୍ରସ୍ତୁତ କରିବେ। ଶୈଲେଶାନନ୍ଦ ଗିରି କହିଛନ୍ତି, ଯୋଗ ମାତା ୨୪ ଜାନୁଆରୀରେ ଜାପାନରୁ ଏହି ଶିବିରରେ ପହଞ୍ଚିବେ ଏବଂ ସେ ନିଜେ ନିଷ୍ପତ୍ତି ନେବେ ଯେ ସେ କେତେ ଲୋକଙ୍କୁ ଦୀକ୍ଷା ଦେବେ। ଏହି ମହାକୁମ୍ଭରେ ବାବାଜୀ ଭୌତିକ ରୂପରେ ନୁହେଁ ବରଂ ସୂକ୍ଷ୍ମ ରୂପରେ ଉପସ୍ଥିତ ଥିବାରୁ ଏଥର ଶିବିରରେ ଶ୍ରଦ୍ଧାର ପରିବେଶ ରହିଛି। ସେ କହିଥିଲେ ଯେ ଶିବିରରେ ଶିବଶକ୍ତି ଯଜ୍ଞଶାଳା ନିର୍ମାଣ କରାଯାଉଛି ଯେଉଁଥିରେ ୨୫ ରୁ ୩୦ ଦେଶର ଲୋକ ଅଂଶଗ୍ରହଣ କରୁଛନ୍ତି। ସେ କହିଥିଲେ ଯେ ବାବା ଜୀଙ୍କ ଅଧିକାଂଶ ଶିଷ୍ୟ ରଷିଆ ଏବଂ ୟୁକ୍ରେନର, ଯେଉଁମାନେ ଏହି ଯଜ୍ଞରେ ଆହୁତି ଦେବେ। ଶୈଳାନନ୍ଦ ଗିରି କହିଛନ୍ତି ଯେ ସେହିପରି ଜାପାନ, କୋରିଆ, ଇଣ୍ଡୋନେସିଆ ଏବଂ ବାଲିର ଲୋକମାନେ ମଧ୍ୟ ଆହୁତି ଦେବେ। ସେ କହିଥିଲେ, ବାହ୍ୟ ଜଗତରେ ଆମେ ଦେଖୁଛୁ ଯେ ଯୁଦ୍ଧର ପରିବେଶ ଅଛି, କିନ୍ତୁ ବାସ୍ତବ ଜୀବନରେ, ମାତୃଭୂମିର ଧାରଣାରେ, ଆପଣ ଏଠାରେ (ଏହି ଶିବିରରେ) ଲୋକଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବରେ ଦେଖିବେ। ଆମେ ବାବାଙ୍କ ଦ୍ୱାରା ପ୍ରଦତ୍ତ ପ୍ରେମ, ବିଶ୍ୱାସ ଏବଂ ଶାନ୍ତିର ତ୍ରିଗୁଣୀୟ ସୂତ୍ରକୁ ଏଠାରେ କାର୍ଯ୍ୟକାରୀ ହେଉଥିବା ଦେଖିବୁ।

# ପଠାଣିସାମନ୍ତ ମେଧାବୃତ୍ତିରେ ପୁଣି ଇତିହାସ ରଚିଲା ବଡ଼କର୍ଲେ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା କ୍ଲଷ୍ଟର ଅନ୍ତର୍ଗତ ବଡକର୍ଲେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଫଳତା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପାଠପଢା ଠୁ ଆରମ୍ଭ କରି ନବୋଦୟ, ବୃତ୍ତି, ପଠାଣି ସାମନ୍ତ, ଏକଲବ୍ୟ, ଇନ୍ସ୍ପାୟାର, ଏନ୍.ଏମ୍.ଏମ୍.ଏସ୍ ପରି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ମଧ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ପରିଚିତ ହୋଇଛି। ପ୍ରଧାନ ଶିକ୍ଷକ ରାମଗୋପାଳ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ସହଶିକ୍ଷା ଅଧିକାରୀ ଗଞ୍ଜାଲୁ ବିର୍ଷୀ ଯୋଗଦେଇ ପଠାଣିସାମନ୍ତ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଚାରିଜଣ ଛାତ୍ରଛାତ୍ରୀ ରାଜ ମାଝୀ, ଏକାମ୍ର ନାଏକ, ରୋଶନୀ ସାହୁ, ପ୍ରିୟାଂଶୀ ପଧାନଙ୍କୁ ସମ୍ବର୍ଦ୍ଧିତ କରି ଶୃଙ୍ଖଳାର ସହିତ ଅଧ୍ୟୟନ କରି ଜଣେ ଜଣେ ଭଲ ମଣିଷ ଭାବରେ ସମାଜରେ ଉଦାହରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସମଗ୍ର ଡୁଙ୍ଗୁରିପାଲି ବ୍ଲକର ଦଶ ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ତର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସର୍ବାଧିକ ଚାରି ଜଣ ଛାତ୍ରଛାତ୍ରୀ ବଡକର୍ଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଟନ୍ତି। ସମ୍ମାନିତ ଅତିଥି ଭାବେ ମାୟାବାର୍ହା ସି.ଆର୍.ସି.ସି ସୌରଭ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନେ ମନଯୋଗ ସହକାରେ ପାଠ ପଢି ଆଗାମୀ ଦିନରେ ଆହୁରି ଅନେକ ସଫଳତା ଆଣିବାକୁ ପ୍ରେରଣା ଦେଇଥିଲେ। ବିଜ୍ଞାନ ଶିକ୍ଷକ ଲୋକନାରାୟଣ ମହାନନ୍ଦ ସଭାକୁ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗଣିତ ଶିକ୍ଷକ କୃପାସିନ୍ଧୁ ନାଏକ, ଇଂରାଜୀ ଶିକ୍ଷକ ଲୋକନାଥ ପଧାନ, ଶିକ୍ଷୟିତ୍ରୀ ସବିତା ବିଶି, ଶ୍ରଦ୍ଧାଞ୍ଜଳି ବିଶି, ମନ୍ଦାକିନୀ ସାହୁ, ଶାରୀରିକ ଶିକ୍ଷକ ସାରଥୀ ଥପା ସହଯୋଗ କରିଥିଲେ।

# ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦୂରଦର୍ଶନ ବେତାର ମଞ୍ଚ ନିର୍ଦ୍ଦେଶକ ଅକ୍ଷୟ ନାୟକ ବ୍ୟସକବିଙ୍କ ଜୀବନୀ ଓ ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଦିପ୍ତିମୟୀ ବେହେରା, ସ୍ୱାତିସ୍ମିତା ମିଶ୍ର, ସ୍ୱପ୍ନାରାଣୀ ସାହୁଙ୍କ ସମେତ ଆନୁଷ୍ଠାନର ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଫକୀରମୋହନଙ୍କ ଜୀବନୀ ଆଲୋଚନା କରିଥିଲେ। ପରିଚାଳକ ରାଜେଶ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ୍ ପ୍ରୟୋଗକାରୀ ମାନଙ୍କର ଜିଲ୍ଲାସ୍ତରୀୟ ତାଲିମ୍ କର୍ମଶାଳା

**କଟକ, ନ୍ୟୁଜ୍ ବ୍ୟୁରୋ**




ମାଦକ ଦ୍ରବ୍ୟ ସେବନ ଠାରୁ ନିଜକୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଆଇନ୍ ପ୍ରୟୋଗକାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଦିଗରେ ସଚେତନତା ସୃଷ୍ଟି କରିବା ସହ ସିଗାରେଟ୍ ଓ ଅନ୍ୟ ମାଦକ ଦ୍ରବ୍ୟ ଅଧିନିୟମ (ସିଓଟିପିଏ) ୨୦୦୩ ତଥା ଅନ୍ୟାନ୍ୟ ଆଇନଗୁଡ଼ିକୁ କଡାକଡି ଲାଗୁ କରିବା ଉପରେ ଆଇନ୍ ପ୍ରୟୋଗକାରୀ ମାନଙ୍କର ଜିଲ୍ଲାସ୍ତରୀୟ ତାଲିମ୍ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରସନ୍ନ କୁମାର ହୋତା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଲୋକନାଥ ପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଦୀପା ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଡଃ ରାଉତ ଶରୀର ଉପରେ ମାଦକ ଦ୍ରବ୍ୟ ସେବନର କୁପ୍ରଭାବ ଏବଂ କର୍କଟ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଦକ ଦ୍ରବ୍ୟ ମୁକ୍ତ କଟକ ବିଷୟବସ୍ତୁ ଉପରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି କର୍ମଶାଳାରେ ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ।

# ଦେଉଳି ପାହାଡ଼ର ସୌନ୍ଦର୍ଯ୍ୟକରଣ ଓ ପାର୍କ ନିର୍ମାଣ ହେଉ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ଧର୍ମଶାଳା ବ୍ଲକ ନିକଟରେ ଅବସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟ, କୀର୍ତ୍ତିରାଜିଭରା ଦେଉଳି ପାହାଡ ୩ଟି ପାହାଡ ଘେରି ରହିଛି ଜାରକାକୁ। ନିକଟରେ ବହିଯାଇଛି ପୁଣ୍ୟତୋୟା ବ୍ରାହ୍ମଣୀ। ବିରାଜମାନ ଆରାଧ୍ୟ ଦେବତା ପ୍ରଭୁ ଗୋକର୍ଣ୍ଣେଶ୍ୱର ୧୬ନଂ ଜାତୀୟ ରାଜପଥ ୩ କିମି ଜାରକା ସହର ମଧ୍ୟରେ ଯାଇଛି। ପଶ୍ଚିମରେ ହରିଦାସପୁର, ଗଡମଧୁପୁର, ପାଖର ରେଳଷ୍ଟେସନ୍ ପାହାଡର ପାଦଦେଶରେ ଧର୍ମଶାଳା ମହାବିଦ୍ୟାଳୟ ଓ ମହିଳା ମହାବଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ରହିଛି। ପୂର୍ବତନ ବିଧାୟକ ତଥା ମନ୍ତ୍ରୀ କଳ୍ପତରୁ ଦାସ ଉଦ୍ୟମରେ ଦେଉଳି ହିଲ୍ ଟପ୍‌କୁ ପିଚୁ ରାସ୍ତା, ୱାଚ୍‌ଟାୱାର୍, ଗୃହ ନିର୍ମାଣ କରିଥିଲେ। ଫଳରେ ହିଲ୍ ଟପ୍‌ରେ ଥିବା ଐତିହାସିକ ବୌଦ୍ଧ କୀର୍ତ୍ତିରାଜିକୁ ପରିଦର୍ଶନ କରିବା ପାଇଁ କିମ୍ବା ପିକ୍‌ନିକ୍ କରିବାପାଇଁ ଜିଲ୍ଲା ଓ ବାହାରୁ ବହୁ ପର୍ଯ୍ୟଟକ ଆସୁଥିଲେ କିନ୍ତୁ ୧୦ ବର୍ଷ ମଧ୍ୟରେ ସରକାର ହିଲ୍ ଟପ୍‌ର ଉନ୍ନତିପାଇଁ ଗୁରୁତ୍ୱ ଦେଲେନାହିଁ। ନୂଆ ସରକାର ଆସିବା ପରେ ନୂତନ ବିଧାୟକ ଦେଉଳି ପାହାଡର ସୌନ୍ଦର୍ଯ୍ୟକରଣ ଉପରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



# ରାୟଗଡ଼ାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ନିହାର ରଞ୍ଜନ କହଁର, ଓ.ପ୍ର.ସେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ଠାରୁ ଦାୟିତ ଗ୍ରହଣ କରିଛନ୍ତି। ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁରଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଶ୍ରୀ କହଁର ଏଥିପୂର୍ବରୁ ଏହି ଜିଲ୍ଲାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଭାବେ ପାଖାପାଖି ଏକବର୍ଷ ଚାରି ମାସ ଧରି ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ। ବର୍ତ୍ତମାନ ରାୟଗଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ବିକାଶରେ ଓ ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ସମସ୍ତ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି ଶ୍ରୀ କହଁର ପ୍ରକାଶ କରିଛନ୍ତି। ଏଥି ପୂର୍ବରୁ ଶ୍ରୀ କହଁର ସୁବର୍ଣ୍ଣପୁର ଜିଲ୍ଲା, ବୌଦ୍ଧ ଜିଲ୍ଲା, ବରଗଡ ଜିଲ୍ଲା, କନ୍ଧମାଳ ଜିଲ୍ଲା ଏବଂ ନରଙ୍ଗପୁର ଜିଲ୍ଲାରେ ବିଡ଼ିଓ, ତହସିଲଦାର, ଡିଡ଼ବ୍ଲୁଓ, ଉପଜିଲ୍ଲାପାଳ ଏବଂ ସିଡିଓ ତଥା ଇଓ, ଜିଲ୍ଲା ପରିଷଦ ଭାବେ ବିଭିନ୍ନ ଦାୟିତ୍ୱ ସମ୍ପନ୍ନ କରିଛନ୍ତି।

# ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

୧୭୧ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ସାମ୍ବାଦିକ ମାନଙ୍କ ଉପସ୍ଥିତିରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଉପସ୍ଥିତ ବ୍ୟକ୍ତିବଶେଷ ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକତାରେ ଶ୍ରୀ ମହାନ୍ତ ଜଣେ ଅନୁଷ୍ଠାନ ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜି ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ଏହି ଅବସରରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକ ସୁକାନ୍ତ କୁମାର ସାହୁ, ରଞ୍ଜନ କୁମାର ଦାଶ, ଅଭିଜିତ ମହାନ୍ତି, ମନୋଜ କୁମାର ପଣ୍ଡା, ଅକ୍ଷୟ ଅଗ୍ରୱାଲ, ନିଳାଦ୍ରୀ ଦଣ୍ଡପାଟ, ଦୀପକ କୁମାର ନାୟକ, ଦଳଗୋବିନ୍ଦ ବାରିକ, ଶ୍ରୀକାନ୍ତ ସାହୁ, ପ୍ରିୟବ୍ରତ ମିଶ୍ର, ଭକ୍ତି ରଞ୍ଜନ ପଣ୍ଡା, ସଞ୍ଜୟ ବାରିକ, ଶାରଦା ପ୍ରକାଶ ବାରିକ, ଦେବବ୍ରତ ଦେ, ଦେବେନ୍ଦ୍ର ଦାଶ, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର ଓ ଶିବଶଙ୍କର ମାହାର୍ଣ୍ଣା ପ୍ରମୁଖ ଉପସ୍ଥିତ ରହିଥିଲେ। ଆସନ୍ତା ବର୍ଷ ନବମ ଶ୍ରାଦ୍ଧ ବାର୍ଷିକୀ ସତ୍ୟସାଇ ଛକରେ ଦିବସ ବ୍ୟାପି ପାଳନ ନେଇ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା।

# ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ପରିବାର ମିଳନ ଓ ବଣ ଭୋଜି




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ପରିବାର ମିଳନ ଓ ବଣଭୋଜି ଚନ୍ଦକା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମିତିର ସମସ୍ତ ସଭ୍ୟ ଓ ତାଙ୍କ ପରିବାରବର୍ଗଙ୍କର ନିରାମୟ ଜୀବନଯାପନ ପାଇଁ ନବ ବର୍ଷର ଅଭିନନ୍ଦନ ଜଣାଇଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି ନବ ବର୍ଷରେ ସମସ୍ତ ବରିଷ୍ଠ ନାଗରିକ ମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପାଲା ଗାୟକ ଇନ୍ଦ୍ରମଣି ପ୍ରଧାନ, ମହାକବି କାଳିଦାସଙ୍କ ରଚିତ ମହାକାବ୍ୟ ରଘୁବଂଶ ଉପରେ ପାଲା ପରିବେଷଣ କରିଥିଲେ। ସମିତିର ସଭ୍ୟ ଦିଲ୍ଲୀପ କୁମାର ଦେଓ, ବୈକୁଣ୍ଠନାଥ ମିଶ୍ର, ଧିରେନ୍ କୁମାର ବାରିକ୍, ଚନ୍ଦ୍ରଶେଖର ରାଜୁ, ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର, ବିଷ୍ଣୁପଦ ମହାନ୍ତ, ସ୍ୱର୍ଣ୍ଣଲତା ପ୍ରଧାନ ଓ କବିତା ମହାନ୍ତି ଆଦି ଭଜନ, କବିତା, ପ୍ରବଚନ, ବ୍ୟଙ୍ଗ ଆଦି ପରିବେଷଣ କରିଥିଲେ। ଏହି ବଣ ଭୋଜି ଓ ବରିଷ୍ଠ ନାଗରିକ ସମ୍ମିଳନୀକୁ କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଉପସଭାପତି ସୁରେନ୍ଦ୍ର କୁମାର ସାହୁ ଓ ଦେବେନ୍ଦ୍ରନାଥ ଶତପଥି, କ୍ରୀଡ଼ା ସମ୍ପାଦକ ସୁବେଶ ଚନ୍ଦ୍ର ସାମଲ, ଜନକଲ୍ୟାଣ ସମ୍ପାଦକ ବିମଳ କୁମାର ମହାନ୍ତି, କାର୍ଯ୍ୟାଳୟ ସମ୍ପାଦକ ହରିଶ୍ଚନ୍ଦ୍ର ସେଠ୍, ବରିଷ୍ଠ ସଭ୍ୟ ଦେବପ୍ରସାଦ ମଜୁମ୍‌ଦାର୍, ରବିନ୍ଦ୍ର କୁମାର ମହାପାତ୍ର, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ସୁବାସ ଚନ୍ଦ୍ର ମହାପାତ୍ର ଆଦି ପରିଚାଳନା କରିଥିଲେ ବୋଲି ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

# ଭରତପୁର ପ୍ୟାକ୍ସର ଗୋଦାମ୍ ଗୃହ ପାଇଁ ସ୍ଥାନ ପରିଦର୍ଶନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର କୃଷି ସମବାୟ ସମିତିର ଦୀର୍ଘ ବର୍ଷ ହେଲା ଗୋଦାମ ଗୃହ ନଥିବାରୁ ସଂପାଦକ ସୁବୋଧ କୁମାର ଲେଙ୍କା ଓ ସଭାପତି ବସନ୍ତ କୁମାର ରାଉତ, ଉପ ସଭାପତି ମମତା ଜେନା, ନିର୍ଦ୍ଦେଶକ ସାରଦା ପ୍ରସନ୍ନ ରାଉତ, ଅକ୍ଷୟ କୁମାର ମନ୍ତ୍ରୀ ପ୍ରମୁଖ ଦାବି କରି ଅସୁଛନ୍ତି। ପ୍ୟାକ୍ସରେ ଗୋଦାମ ଗୃହର ନିଜସ୍ୱ ଜାଗା ନଥିବାରୁ ଅନେକ ସମୟରେ ଧାନ ବିହନ, ସାର ଅଦି ରଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଓ ତହସିଲଦାର ତାପସ ରଞ୍ଜନ ଦେହୁରୀ ପ୍ୟାକ୍ସ ନିକଟରେ ଥିବା ସରକାରୀ ଜାଗା ପରିଦର୍ଶନ କରି ଗୋଦାମ ଗୃହ କରିବା ପାଇଁ ଜାଗା ହସ୍ତାନ୍ତର କରିବାକୁ ସଭାପତି ନିର୍ଦ୍ଦେଶକ ମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି। ଅଲୋଚନା ସମୟରେ ଅଗସ୍ତି ସେଣ, ଶ୍ରୀଧର ସାମଲ, କିଶୋର ଚନ୍ଦ୍ର ଜେନା, ବିଶ୍ୱଜିତ ସାମଲ, ମନୋରମା ସ୍ୱାଇଁ, ଅର୍ଚ୍ଚନା ନାୟକ, ତୁଳସୀ ସେଠୀ, ତାପସ ପ୍ରସାଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# କଳାପଥର ମାଫିଆଙ୍କ ପ୍ରଭାବରେ ଅସ୍ତିତ୍ୱ ହରାଉଛି ପାହାଡ଼ 'ନିଶ୍ଚିନ୍ତା'

**ଯାଜପୁର, ନ୍ୟୁଜ୍**





ନିଘଞ୍ଚ ଜଙ୍ଗଲରେ ବନ୍ୟଜନ୍ତୁ ନିଶ୍ଚିନ୍ତରେ ରହୁଥିଲେ ବୋଲି ନାମ ହୋଇଥିଲା ନିଶ୍ଚିନ୍ତା ଜଙ୍ଗଲ। କଳାପଥର ମାଫିଆଙ୍କ ଲୁଟ୍‌ରେ ରାଜ୍ୟର ବଡ ପର୍ବତମାଳା ନିଶ୍ଚିନ୍ତା ଏବେ ବିଭିନ୍ନ ସ୍ଥାନରେ ନିଜର ଅସ୍ତିତ୍ୱ ହରାଇବାକୁ ଯାଉଛି। ଦୀର୍ଘ ୩୦ ବର୍ଷ ଲୁଟ୍ ପରେ ପାହାଡରୁ ସମୁଦ୍ରରେ ପରିଣତ ହୋଇଥିଲା ନିଶ୍ଚିନ୍ତା ଜଙ୍ଗଲର ରାଇଗଡା ଅଂଶ। ରାଜ୍ୟରେ ପାହାଡ ସୁରକ୍ଷା ପାଇଁ ଲଢେଇ କରୁଥିବା ସତୀଶ ବିଶ୍ୱାଳଙ୍କ ନିରନ୍ତର ଲଢେଇ ପରେ ରାଇଗଡା ପାହାଡ ସୁରକ୍ଷା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ପାହାଡ ଓ ପରିବେଶ ପ୍ରେମୀଙ୍କ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତା ପାହାଡର ବିଭିନ୍ନ ସ୍ଥାନରେ ଥିବା ନିକଟସ୍ଥ ଗାଁ ନାମରେ ନିଶ୍ଚିନ୍ତା ଜଙ୍ଗଲର ନାମ କରଣ ହୋଇଥାଏ। ଯାଜପୁର ଏବଂ ଢେଙ୍କାନାଳ ଜିଲ୍ଲା ସୀମାରେ ଥିବା ଢେଙ୍କାନାଳ ଜିଲ୍ଲାର ଗଁଦିଆ ତହସିଲ ଅନ୍ତର୍ଗତ ରାଇଗଡା ଗ୍ରାମ ନିକଟରେ ଥିବା ନିଶ୍ଚିନ୍ତା ପାହାଡର ଅଂଶଟି ରାଇଗଡା ନାମରେ ଲୋକ ମୁଖରେ ପରିଚୟ ହାସଲ କରିଥିଲା। ଏହି ରାଇଗଡା ପାହାଡ ଉପରେ କଳାପଥର ମାଫିଆଙ୍କ ଲେଲୁପ ଦୃଷ୍ଟି ପଡିଲା। ଏହାପରେ ପଥର ମାଫିଆ ମାନେ ୱାଗନହୋଲ ବ୍ଲାଷ୍ଟିଂ କରି ପାହାଡର ଛାତି ଚିରିଲେ। ଗୋଟିଏ ଗୋଟିଏ ୱାଗନ୍ ହୋଲ୍ ବ୍ଲାଷ୍ଟିଂରେ ପାହାଡରୁ ୫୦୦ରୁ ହଜାରେ ଟ୍ରିପ୍ କଳାପଥର ଖସିଲା। ଏହି କଳାପଥର ତଥା କଳାହୀରାକୁ ମାଫିଆମାନେ ଲୁଟି ଚାଲିଲେ। ଧୀରେ ଧୀରେ ଆକାଶକୁ ଛୁଇଁଥିବା ଏହି ପାହାଡ ମାଟିରେ ମିଶି ସମତଳ ହେଲା। ଏହାପରେ ପାହାଡକୁ ଖୋଳି ଗଭୀର ଗର୍ତ୍ତ ତଥା ସମୁଦ୍ରରେ ପରିଣତ କରିଦେଲେ ପଥର ମାଫିଆ। ପୋଲିସ, ଜଙ୍ଗଲ ଓ ପରିବେଶ, ରାଜସ୍ୱ ବିଭାଗର ମିଳିତ ସୁଚଲାସୁତରାରେ ଚାଲିଥିଲା ଲୁଟ୍। ରାଜ୍ୟରେ ପାହାଡ ସୁରକ୍ଷା ପାଇଁ ଲଢେଇ କରୁଥିବା ପାହାଡ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଦୀର୍ଘବର୍ଷ ଧରି ଏହି ରାଇଗଡା ପାହାଡ ସୁରକ୍ଷା ପାଇଁ ନିରନ୍ତର ସଂଗ୍ରାମ ପରେ ଏହି ପାହାଡର ସୁରକ୍ଷା ପାଇଁ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ପତ୍ର ନଂବର-୩୪୯ ୧୭.୦୧.୨୫ ତାରିଖ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିନେଇ ପ୍ରଶାସନ ତରଫରୁ ମଧ୍ୟ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପତ୍ରରେ ସିଧା ସଳଖ ଦର୍ଶାଯାଇଛି ଯେ, ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କ ତରଫରୁ ଦିଆଯାଇଥିବା ପତ୍ର ଅନୁସାରେ ରାଇଗଡା ପାହାଡକୁ ସରକାରଙ୍କ ତରଫରୁ ସୁରକ୍ଷା ପ୍ରଦାନ କରାଯିବ। ସତୀଶଙ୍କ ପ୍ରସ୍ତବ ଅନୁସାରେ ବେଆଇନ୍ ୱାଗନ୍ ହୋଲ୍ ବ୍ଲାଷ୍ଟିଂରେ ପାହାଡରେ ସମୁଦ୍ର ପରି ଗଭୀର ଗର୍ତ୍ତ ହୋଇଥିବା ଅଂଶକୁ ପ୍ରଥମେ ତାରବାଡ ବୁଲାଯାଇ ଏହାକୁ ସୁରକ୍ଷିତ କରାଯିବ। ଏହାସହ ଏହି ଖାଲରେ ମାଟି ଭର୍ତ୍ତି କରାଯାଇ ବୃକ୍ଷରୋପଣ କରାଯିବ। ପୋଲିସ, ରାଜସ୍ୱ, ଖଣି ବିଭାଗ ତରଫରୁ ମିଳିତ ସ୍କ୍ୱାର୍ଡ ଗଠନ କରାଯାଇ ଏହି ପାହାଡକୁ ମାଫିଆଙ୍କ ଠାରୁ ସୁରକ୍ଷା ପ୍ରଦାନ କରାଯିବ। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖଣି ମାଫିଆଙ୍କ ବିରୋଧରେ ସ୍ପଷ୍ଟ ଆଭିମୁଖ୍ୟ ପ୍ରଦର୍ଶନ କରିଥିବା ବେଳେ ଢେଙ୍କାନାଳ ବନଖଣ୍ଡ ଷଡଙ୍ଗୀ ବନାଞ୍ଚଳ ଅଧୀନ ନିହଲପ୍ରସାଦ ରାଜସ୍ୱ ଗ୍ରାମରେ ରହିଥିବା ନିଶ୍ଚିନ୍ତା ଜଙ୍ଗଲ କିସମ ପାହାଡ ଖତା ନମ୍ବର-୧୫୧୩ ପ୍ଲଟ୍ ନମ୍ବର- ୬୧୬୮ ଏବଂ ଏହା ସଂଲଗ୍ନ ପ୍ଲଟ୍ ନମ୍ବର-୬୨୩୨ରୁ ଦୈନିକ ଏକାଧିକ କୋଟି ଟଙ୍କାର କଳାପଥର ଲୁଟ୍ ହେଉଛି। ଏଠାରେ ପୂର୍ବରୁ ନିହଲପ୍ରସାଦ ରୋଡ ମେଟାଲ୍ କ୍ୱାରୀ ନଂ-୨ ଏବଂ ୩ ଲିଜ୍ ନାମରେ ଏହି ଲୁଟ୍ ଚାଲିଛି। ନିଶ୍ଚିନ୍ତା ସଂରକ୍ଷିତ ଜଙ୍ଗଲ ଓଡ଼ିଶା ରାଜ୍ୟର ଏକ ପ୍ରସିଦ୍ଧ ଜଙ୍ଗଲ ଅଟେ। ଏଠାରେ ବହୁ ମୂଲ୍ୟବାନ ବୃକ୍ଷରାଜି ଏବଂ ବିରଳ ବନ୍ୟଜନ୍ତୁ ଥିଲେ। ହେଲେ ପଥର ବ୍ଲାଷ୍ଟିଂରେ ଏହି ସମସ୍ତ ବନ୍ୟଜନ୍ତୁ ଓ ବୃକ୍ଷରାଜି ଲୋପ ପାଇଗଲେ। ନିଶ୍ଚିନ୍ତା ପାହାଡ ସୁରକ୍ଷା ପାଇଁ ଦୀର୍ଘ ଦିନରୁ ଆନ୍ଦୋଳନ କରାଯାଉଛି। ତେବେ ଏଠାରେ ପୂର୍ବରୁ ଲିଜ୍ ଦିଆଯାଉଥିବା ନିହଲପ୍ରସାଦ ରୋଡ ମେଟାଲ କ୍ୱାରୀ ନଂ-୨ ଏବଂ ୩ ନାମରେ ଏହି ଲୁଟ୍ ଚାଲିଛି। ଏହି ଜଙ୍ଗଲ କିସମ ପାହାଡକୁ ଲିଜ୍ ଦିଆଯିବା ଅନ୍ତରାଳରେ ସାମିଲ୍ ଅଧିକାରୀ ଏବଂ ଲୁଟ୍ ହୋଇଥିବା କଳାପଥର ପାଇଁ ସଂପୃକ୍ତ ଲିଜ୍‌ଧାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଉ। ଏଥିନେଇ ସରକାରଙ୍କ ତରଫରୁ ସାଟେଲାଇଟ୍ ସର୍ଭେ କରାଯାଉ। ଏହି ପାହାଡ ଚାରିପାଖକୁ ତାରବାଡ ଦ୍ୱାରା ଆବଦ୍ଧ କରାଯାଇ ପାହାଡକୁ ଯାଉଥିବା ସମସ୍ତ ରାସ୍ତାକୁ ଖୋଳିଦିଆଯାଉ। ପାହାଡର ଏହି ଅଂଶକୁ ଗୁରୁତ୍ୱ ଦେଇ ୧୫ ଦିନ ମଧ୍ୟରେ କାମ୍ପା, ଖଣିଜ ଉନ୍ନୟନ ପାଣ୍ଠି, ସିଏସ୍‌ଆର୍ ଟଙ୍କା କିମ୍ବା ଅନ୍ୟ କୌଣସି ଯୋଜନାରେ ବୃକ୍ଷ ରୋପଣ କରାଯାଉ। ଏଥିନେଇ ରାଜ୍ୟପାଳଙ୍କ ତରଫରୁ ପତ୍ର ନମ୍ବର-୮୪୯୫ ତା୨୩.୦୯.୨୪, ମୁଖ୍ୟ ଶାସନ ସଚିବଙ୍କ ତରଫରୁ ପତ୍ର ନମ୍ବର-୦୫୫୧୯୧ ତା୧୯.୦୯.୨୪ ଏବଂ ଇସ୍ପାତ ଓ ଖଣି ବିଭାଗ ତରଫରୁ ପତ୍ର ନମ୍ବର-୮୩୨୯ ୨୫.୦୯.୨୪ ତାରିଖ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିନେଇ ସତୀଶ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଲୁଟ୍ କଳାପଥର ଜରିମାନା ପାଇଁ ସାଟେଲାଇଟ୍ ସର୍ଭେ କରାଯିବା ନେଇ ପତ୍ରରେ ଉଲ୍ଲେଖ ନଥିବାରୁ ଏଥିନେଇ ଅସନ୍ତୋଷ ପ୍ରକାଶ ସହ ପୁନଶ୍ଚ ସରକାରଙ୍କ ନିକଟରେ ଦାବି କରାଯିବ।

# ୨୧ରୁ ନବଗ୍ରହ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନପୁର ଠାରେ ପ୍ରସିଦ୍ଧ ଶନିଶ୍ଚରପୀଠରେ ନୂତନ ନବଗ୍ରହ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚଳିତ ମାସ ୨୧, ୨୨, ୨୩, ୨୪ ଓ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନେଇ ଏକ ପ୍ରସ୍ତୁତି ବୈଠକ ବିଶିଷ୍ଟ ସମାଜସେବୀ ତଥା ପୃଷ୍ଠପୋଷକ ଗୋଲକ ଚନ୍ଦ୍ର ପରିଡା ଓ ଡିମ୍ବଲ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉତ୍ସବ ଅବସରରେ ବିବିଧ କାର୍ଯ୍ୟକ୍ରମ କରାଯାଉଥିବା ଆୟୋଜକମାନେ ସୂଚନା ଦେଇଛନ୍ତି। ମନ୍ଦିର ପ୍ରତିଷ୍ଠା ଅବସରରେ ବିଶିଷ୍ଟ ପଣ୍ଡିତ ମାନଙ୍କ ଦ୍ୱାରା ମହାଯଜ୍ଞ ଅନୁଷ୍ଠିତ ହେବ। ୨୧ ତାରିଖ ମଙ୍ଗଳବାର ପୁରୀର ଜଗନ୍ନାଥ ସଂସ୍କୃତି ପ୍ରବଚକ ମାନସ କୁମାର ପ୍ରଧାନ ଯୋଗଦେବେ। ୨୨ ତାରିଖ ବୁଧବାର ସନ୍ଧ୍ୟାରେ ଗୀତିନାଟ୍ୟ, ୨୩ ତାରିଖ ଗୁରୁବାର ସନ୍ଧ୍ୟାରେ ଭଜନ ଓ ନୃତ୍ୟ, ୨୪ ତାରିଖ ଶୁକ୍ରବାର କୁନି ପ୍ରବଚକ କେଶବଦାସ ଦ୍ୟୁତିକୃଷ୍ଣଙ୍କ ପ୍ରବଚନ ଓ ମାନସୀ ପାତ୍ର ଓ ସାଥିଙ୍କ ଭଜନ ପରିବେଷଣ କାର୍ଯ୍ୟକ୍ରମ ରହିଛି। ୨୫ ତାରିଖ ଶନିବାର ଉଦ୍‌ଯାପନୀ ଓ ଯଜ୍ଞର ପୂର୍ଣ୍ଣାହୁତି ଉପଲକ୍ଷେ ଶ୍ରୀଚରଣ ଓ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ ଓ ଗୋଟିପୁଅ ନୃତ୍ୟ ଅନୁଷ୍ଠିତ ହେବ। ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସମସ୍ତ କର୍ମକର୍ତ୍ତା, ଯୁବବର୍ଗ, ନିକଟସ୍ଥ ଗ୍ରାମର ଗ୍ରାମବାସୀ ସହାୟତା କରୁଛନ୍ତି।

# ଆତ୍ମ ସୁରକ୍ଷାର କୌଶଳ ପ୍ରଦର୍ଶନ କଲେ ଛାତ୍ରୀମାନେ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**




ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନୀମୂଳ ସ୍ଥିତ ବାୟା ଅବଧୂତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କନିମୂଳରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ବାଳିକା ଆତ୍ମ ସୁରକ୍ଷା ଶିବିର ୮ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ମୋଟ ୮ ଦିନ କାର୍ଯ୍ୟ ଦିବସରେ ତାଲିମ୍ ପ୍ରଦାନ ସହ ଉଦ୍‌ଯାପିତ ହୋଇଛି। ଏହି ବାଳିକା ଆତ୍ମ ସୁରକ୍ଷା ଶିବିରରେ ୭୫ଜଣ ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ପ୍ରୋଗ୍ରାମ୍ ଅଫିସର ଫକୀର ଚରଣ ବାରିକ ଏହି ଶିବିରକୁ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ବିଶ୍ୱାଳ ତାଲିମ୍ ପ୍ରଦାନ କରିଥିଲେ। ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳର ଶିକ୍ଷା ପ୍ରଦାନ କରାଯାଇଥିଲା। ତାଲିମ୍‌ଧାରୀ ଛାତ୍ରୀମାନେ ବିଭିନ୍ନ କୌଶଳ ଶିଖିବା ସହ ଉଦ୍‌ଯାପନ ଉତ୍ସବରେ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ତପନ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନ ସଭାରେ ପ୍ରୋଗ୍ରାମ ଅଫିସର ଫକୀର ଚରଣ ବାରିକ ସ୍ୱାଗତ ଭାଷଣ ଦେବା ସହିତ ଉକ୍ତ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ସଭା ସଂଯୋଜନା କରିଥିବା କଲେଜର ପ୍ରଶାସନିକ ଅଧିକାରୀ ଡକ୍ଟର ବିବେକାନନ୍ଦ ସିଂହ ତାଙ୍କ ଅଭିଭାଷଣରେ ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ବାଳିକା ଆତ୍ମ ସୁରକ୍ଷା ତାଲିମ୍‌ରେ ଶିଖିଥିବା କୌଶଳ ଗୁଡ଼ିକୁ ପ୍ରତ୍ୟେକ ଦିନ ଅଭ୍ୟାସ୍ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଦୀପ ଦୀପାଳୀ ମହାପାତ୍ର ତାଙ୍କର ବକ୍ତବ୍ୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ୍‌ର ଗୁରୁତ୍ୱ ଓ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଯୁବ ଅଧ୍ୟାପକ ବିଭୁସେନ ପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ରସାୟନ ବିଜ୍ଞାନର ପ୍ରଶିକ୍ଷକ ରମାକାନ୍ତ ଲେଙ୍କା ନାରୀମାନେ ବିକଶିତ କରିବାରେ ଏହି ଆତ୍ମ ସୁରକ୍ଷା ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା କହିଥିଲେ। ପ୍ରାଣୀ ବିଜ୍ଞାନର ପ୍ରଶିକ୍ଷକ ଜ୍ଞାନ ରଞ୍ଜନ ପାତ୍ର ନିର୍ଭୟା ବିଷୟରେ ଆଲୋକପାତ କରିବା ସହିତ ସଚେତନତା ସୃଷ୍ଟି କରିଥିଲେ। ସମସ୍ତ ତାଲିମଧାରୀ ଛାତ୍ରୀମାନଙ୍କୁ ଉକ୍ତ ତାଲିମ୍ ସଫଳତା ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର୍ ବିକାଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମରେ କଲେଜର ଡିଇଓ ସାନ୍ତନୁ ଜେନା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ତାଲିମ୍ ପ୍ରଦାନର ୮ ଦିନ କାର୍ଯ୍ୟ ଦିବସରେ କଲେଜର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମୁମ୍ବାଇ ରଣଜୀ ଦଳର ଅଧିନାୟକ ହେଲେ ଅଜିଙ୍କ୍ୟ ରାହାନେ



**ନୂଆଦିଲ୍ଲୀ**

ଅଜିଙ୍କ୍ୟ ରାହାନେଙ୍କୁ ଅଧିନାୟକ ଦାୟିତ୍ୱ ମିଳିଛି। ଆଇପିଏଲ ୨୦୨୫ ଆରମ୍ଭ ହେବା ପୂର୍ବରୁ, ରାହାନେଙ୍କୁ ମୁମ୍ବାଇର ରଣଜୀ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ରାହାନେଙ୍କ ଅଧିନାୟକତ୍ୱରେ ୧୭ ଜଣିଆ ଦଳରେ ରୋହିତ ଶର୍ମାଙ୍କୁ ମଧ୍ୟ ମନୋନୀତ କରାଯାଇଛି। ରଣଜୀ ଟ୍ରଫିରେ ମୁମ୍ବାଇକୁ ଏହାର ପରବର୍ତ୍ତୀ ମ୍ୟାଚ୍ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବାକୁ ପଡ଼ିବ। ଅନ୍ୟପଟେ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପରଜିଆଣ୍ଟ୍ସର ଅଧିନାୟକ ନିଯୁକ୍ତ କରାଯାଇଛି।

ଏବେ ରାହାନେଙ୍କୁ ରୋହିତ ଶର୍ମା, ଶ୍ରେୟସ ଆୟର, ଶିବମ ଦୁବେ, ଯଶସ୍ୱୀ ଜୟସ୍ୱାଲ ଏବଂ ଶାର୍ଦ୍ଦୁଲ ଠାକୁର ଭଳି ଖେଳାଳି ଥିବା ସତ୍ତ୍ୱେ ଅଧିନାୟକ କରାଯାଇଛି। ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ରାହାନେଙ୍କୁ କୋଲକାତା ନାଇଟ ରାଇଡର୍ସର ଅଧିନାୟକତ୍ୱ ମଧ୍ୟ ମିଳିପାରେ। ଏବେ ଏହା ମଧ୍ୟ ନିଶ୍ଚିତ ହୋଇଯାଇଛି ଯେ ରୋହିତ ଶର୍ମା ୧୦ ବର୍ଷ ପରେ ରଣଜୀ ଟ୍ରଫିରେ ଖେଳିବେ। ୧୭ ଜଣିଆ ଦଳରେ ରୋହିତଙ୍କୁ ମଧ୍ୟ ମନୋନୀତ କରାଯାଇଛି। ରୋହିତ ମଇଦାନକୁ ଓହ୍ଲାଇବା ମାତ୍ରେ ଇତିହାସ ହୋଇଯିବ। କାରଣ, ୧୭ ବର୍ଷ ପରେ ଜଣେ ଭାରତୀୟ ଅଧିନାୟକ ରଣଜୀ ଟ୍ରଫିରେ ଖେଳିବେ। ଏହା ପୂର୍ବରୁ, ଶେଷ ଥର ପାଇଁ ଏହା ସୌରଭ ଗାଙ୍ଗୁଲି କରିଥିଲେ।

ରଣଜୀ ଟ୍ରଫିର ପରବର୍ତ୍ତୀ ରାଉଣ୍ଡ ପାଇଁ ମୁମ୍ବାଇ ଦଳ- ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ଆୟୁଷ ମହାତ୍ରେ, ଶ୍ରେୟସ ଆୟର, ସିଦ୍ଧେଶ ଲାଡ୍, ଶିବମ ଦୁବେ, ହାର୍ଦ୍ଦିକ ତାମୋର (ଉଇକେଟ୍ କିପର), ଆକାଶ ଆନନ୍ଦ (ଉଇକେଟ୍ କିପର), ତନୁଶ କୋଟିଆନ, ଶମ୍ସ ମୁଲାନି, ହିମାଂଶୁ ସିଂହ, ଶାର୍ଦ୍ଦୁଳ ଠାକୁର, ମୋହିତ ଅବସ୍ଥି, ସିଲଭେଷ୍ଟର ଡି'ସୁଜା, ରୟଷ୍ଟନ ଡିଆସ ଏବଂ କର୍ଷ କୋଠାରୀ।

## ବଦଳିପାରେ ବାରବାଟୀ ଦିନିକିଆ ପାଇଁ ଟିକଟ୍ କାଉଣ୍ଟର ସ୍ଥାନ

# ଷ୍ଟାଡିୟମ ବୁଲି ସମୀକ୍ଷା କଲେ କଟକ ଡିସିପି

**କଟକ, ନ୍ୟୁଜ୍‌ବ୍ୟୁରୋ**



କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆସନ୍ତା ଫେବୃୟାରୀରେ ୯ରେ ଦିନିକିଆ ଦିବାରାତ୍ର ମ୍ୟାଚ୍ ଖେଳାଯିବ। ଏନେଇ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ପ୍ରସ୍ତୁତି ଚାଲିଛି। ତେବେ ଏଥର ବଦଳି ପାରେ ବାରବାଟୀ ଦିନିକିଆ ପାଇଁ ଟିକଟ୍ କାଉଣ୍ଟର ସ୍ଥାନ। ପୂର୍ବ କାଉଣ୍ଟର ସ୍ଥାନ ବଦଳାଇ ଷ୍ଟାଡିୟମ୍ ନିକଟରେ ନୂତନ ସ୍ଥାନରେ ଟିକଟ କାଉଣ୍ଟର କରିବାକୁ କମିଶନରେଟ ପୋଲିସର ଯୋଜନା ରଖିଛି। କଟକ ଡିସିପି ଜଗମୋହନ ମୀନାଙ୍କ ସମେତ ବରିଷ୍ଠ ଅଧିକାରୀ, ଓସିଏ କର୍ତ୍ତୃପକ୍ଷଙ୍କ ସହ ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ସମ୍ପୂର୍ଣ୍ଣ ବାରବାଟି ଷ୍ଟାଡିୟମ୍ ବୁଲି ଦେଖିଛନ୍ତି। ଏହାସହ ଟିକଟ ବିକ୍ରି ହେବାକୁ ଥିବା କାଉଣ୍ଟର ସବୁ କିଛି ଅନୁଧ୍ୟାନ କରିଛନ୍ତି। ତେବେ ଚଳିତ ବର୍ଷ ନୂତନ ସ୍ଥାନରେ ଗ୍ୟାଲେରୀ ଟିକଟ ବିକ୍ରି କରିବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରୁଛି କମିଶନରେଟ ପୋଲିସ। ବାରବାଟି ଦିନିକିଆରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା, ଜନ ସାଧାରଣଙ୍କ ସୁରକ୍ଷା ସହ ଦର୍ଶକ କିଭଳି ଭଲ ଭାବରେ ଖେଳ ଦେଖି ଫେରିବେ ତାହା ପୋଲିସ ପାଇଁ ଏକ ବଡ଼ ଚାଲେଞ୍ଜ ବୋଲି କହିଛନ୍ତି ଡିସିପି।

ବାରବାଟୀ ଷ୍ଟାଡିୟମରେ ବିଭିନ୍ନ ଗ୍ୟାଲେରୀର ଟିକଟ୍ ମୂଲ୍ୟ : ଗ୍ୟାଲେରୀ ୧- ୧୧୦୦, ଗ୍ୟାଲେରୀ ୨- ୯୦୦ ଟଙ୍କା, ଗ୍ୟାଲେରୀ ୩- ୧୧୦୦ ଟଙ୍କା, ଗ୍ୟାଲେରୀ ୪- ୯୦୦ ଟଙ୍କା, ଗ୍ୟାଲେରୀ ୫- ୧୨୦୦ ଟଙ୍କା, ଗ୍ୟାଲେରୀ ୬- ୧୨୦୦ ଟଙ୍କା, ଗ୍ୟାଲେରୀ ୭- ୭୦୦ ଟଙ୍କା, ସ୍ପେସିଆଲ ଏନକ୍ଲୋଜର- ୬୦୦୦ ଟଙ୍କା, ଏସି ଗ୍ୟାଲେରୀ ବକ୍ସ- ୮୦୦୦ ଟଙ୍କା, କର୍ପୋରେଟ୍ ବକ୍ସ- ୨୦,୦୦୦ ଟଙ୍କା, ନ୍ୟୁ ପାଭିଲିୟନ- ୧୦,୦୦୦ ଟଙ୍କା।

୨୦୨୫ ଜାନୁଆରୀ ୨୨ ତାରିଖରୁ ଇଂଲଣ୍ଡ ଦଳର ଭାରତ ଗସ୍ତ ଆରମ୍ଭ ହେବ। ଏହି ସମୟରେ ଭ୍ରମଣକାରୀ ଦଳ ଭାରତରେ ୫ଟି ଟି-୨୦ ଏବଂ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ପ୍ରଥମ ମ୍ୟାଚ୍ ଫେବୃୟାରୀ ୬ରେ ନାଗପୁର, ୯ରେ ଦ୍ୱିତୀୟ ମ୍ୟାଚ୍ କଟକରେ ଏବଂ ଫେବୃୟାରୀ ୧୨ ତାରିଖରେ ଅହମ୍ମଦାବାଦରେ ତୃତୀୟ ମ୍ୟାଚ୍ ଖେଳାଯିବ। ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୨୨ ଜୁନ ୧୨ରେ ଟି-୨୦ ଅନ୍ତର୍ଜାତୀୟ ଭାବେ ଖେଳାଯାଇଥିଲା। ଏହାପରେ ଭାରତ ଅନେକ ସିରିଜ୍ ଘରୋଇ ମାଟିରେ ଆୟୋଜନ କରି ସାରିଛି। ମାତ୍ର ବାରବାଟୀରେ କୌଣସି ମ୍ୟାଚ୍ ଆୟୋଜନ କରାଯାଉ ନ ଥିଲା। ତେବେ ଦୀର୍ଘ ୫ ବର୍ଷ ପରେ ବାରବାଟୀ ଷ୍ଟାଡିୟମରେ ଦିନିକିଆ ମୁକାବିଲା ଖେଳାଯିବ। ଏପର୍ଯ୍ୟନ୍ତ ଏହି ପୁରାତନ ଷ୍ଟାଡିୟମରେ ୧୯ ଦିନିକିଆ ମ୍ୟାଚ୍ ଖେଳାଯାଇଛି।

## ଅଣ୍ଡର ୧୯ ମହିଳା ଟି-୨୦ ବିଶ୍ୱକପ

# ନ୍ୟୁଜିଲାଣ୍ଡକୁ ୨ରନ୍‌ରେ ହରାଇଲା ନାଇଜେରିଆ



**ନୂଆଦିଲ୍ଲୀ**

କ୍ରିକେଟରେ ଇତିହାସ କେବେ ବଦଳିଯାଏ ତାହା କେହି ଜାଣନ୍ତି ନାହିଁ। ଏବେ ନାଇଜେରିଆ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ଏହି ଓଲଟପାଲଟ ଦେଖି କ୍ରିକେଟ ଜଗତ ଆଶ୍ଚର୍ଯ୍ୟ ହୋଇଗଲା। ନାଇଜେରିଆ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ ରନରେ ବିଜୟୀ ହୋଇଥିଲା। ବର୍ଷା ଯୋଗୁ ୧୩-୧୩ ଓଭର ପାଇଁ ଖେଳାଯାଇଥିବା ଏକ ଟି-୨୦ ମ୍ୟାଚ୍‌ରେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। କିନ୍ତୁ ଦଳ ବିଜୟଠାରୁ ମାତ୍ର ୨ ରନ ଦୂରରେ ରହିଥିଲା। ଏହି ଚମତ୍କାର ଆଜିକାଲି ଖେଳାଯାଉଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପରେ ଘଟିଛି। ଏହା ଟୁର୍ଣ୍ଣାମେଣ୍ଟରେ ନାଇଜେରିଆର ପ୍ରଥମ ବିଜୟ ଥିଲା। ବର୍ଷା ଯୋଗୁ ଦଳର ପ୍ରଥମ ମ୍ୟାଚ୍ ଟସ୍ ବିନା ବାତିଲ ହୋଇଯାଇଥିଲା। ନାଇଜେରିଆ ଦଳ ପ୍ରଥମ ଥର ପାଇଁ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପରେ ଅଂଶଗ୍ରହଣ କରୁଛି। ଏଥିରେ ସେମାନେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଏକ ବଡ଼ କାମ କରିଛନ୍ତି।

ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନାଇଜେରିଆ ୧୩ ଓଭରରେ ୬୫/୬ ରନ କରିଥିଲା। ଦଳ ପକ୍ଷରୁ ଲିଲିଆନ ଉଦେ ଗୋଟିଏ ଚୌକା ସହାୟତାରେ ୧୯ ରନ ଏବଂ ଅଧିନାୟକ ଲକି ପେଟି ଏମ ଗୋଟିଏ ଚୌକା ସହାୟତାରେ ୧୮ ରନ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବ୍ୟାଟ୍‌ସମ୍ୟାନ ଦୁଇ ଅଙ୍କ ମଧ୍ୟ ଅତିକ୍ରମ କରିପାରି ନ ଥିଲେ।

ରନ ପିଛା କରିବାକୁ ପଡ଼ିଆକୁ ଆସିଥିବା ନ୍ୟୁଜିଲାଣ୍ଡ ଦଳ ୧୩ ଓଭରରେ କେବଳ ୬୩/୬ ରନ କରିପାରିଥିଲା। ଦଳ ପକ୍ଷରୁ ଅନିକା ଟଡ୍ ୧୯ ରନ ଏବଂ ଅଧିନାୟକ ତାସ ୱାକେଲିନ ୧୮ ରନ କରିଥିଲେ ମଧ୍ୟ ଦଳ ବିଜୟର ସୀମା ଅତିକ୍ରମ କରିପାରି ନ ଥିଲା।

ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ଶେଷ ୨ ଓଭରରେ ୧୭ ରନ ଆବଶ୍ୟକ ଥିଲା। କିନ୍ତୁ ଦଳ ୧୨ତମ ଓଭରରେ ୮ ରନ କରିଥିଲା। ଶେଷ ଓଭରରେ ଅର୍ଥାତ୍ ଶେଷ ୬ ବଲରେ ୯ ରନ ଆବଶ୍ୟକ ଥିଲା। ନ୍ୟୁଜିଲାଣ୍ଡ ଦଳ ମାତ୍ର ୬ ରନ କରିପାରିଥିଲା। ଫଳରେ ମ୍ୟାଚରେ ତାଙ୍କୁ ୨ ରନରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।

# ମୋ ପାଠଶାଳାରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ




**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିଷନପୁର ପଞ୍ଚାୟତ କୋଲଟା ବିଷନପୁର ଠାରେ ଥିବା ମୋ ପାଠଶାଳାର କୁନି କୁନି ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ ହୋଇଯାଇଛି। କ୍ରୀଡ଼ା ଶିଶୁର ଶାରୀରିକ ବିକାଶ କରିଥାଏ ଏବଂ ଶାରୀରିକ ବିକାଶ ଦ୍ୱାରା ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ସାଧିତ ହୋଇଥାଏ। ମୋ ପାଠଶାଳା ଆନୁକୂଲ୍ୟରେ ବରହମପୁର ସ୍ଥିତ ସନସାଇନି କ୍ରିକେଟ କ୍ଲବ ପଡ଼ିଆରେ ତୃତୀୟ ବାର୍ଷିକ କ୍ରୀଡ଼ାଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପାଠଶାଳାର କୁନି କୁନି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ୧୦୦ ମିଟର ଦୌଡ଼, ବେଲୁନ ଦୌଡ଼, ଗଣିତ ଦୌଡ଼, ଦଉଡ଼ି ଡିଆଁ, ଟଙ୍କା ଖୋଜିବା ଦୌଡ଼, ଛୁଞ୍ଚିସୂତା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ମୋ ପାଠଶାଳାର ଗୁରୁ ଜୀବନ ଆଶ୍ରିତ ଦାସ ପରିଚାଳନା କରିଥିବା ବେଳେ ପ୍ରୀତିଲତା ମଲ୍ଲ, ବିରିଡି ବ୍ଲକ ଯୁବସଂଗଠକ ଇନ୍ଦ୍ରଜିତ ସାହୁ ପ୍ରମୁଖ ଯୋଗଦେଇ କୁନି କୁନି ପ୍ରତିଯୋଗୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ଉତ୍ସାହିତ କରିଥିଲେ। ଆସନ୍ତା ୨୬ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବା ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଗୁରୁ ଶ୍ରୀ ଦାସ କହିଥିଲେ।

# ହେଡ୍ କୋଚ୍‌ଙ୍କ ସହ କୌଣସି ମତଭେଦ ନାହିଁ : ରୋହିତ




**ନୂଆଦିଲ୍ଲୀ**

ଭାରତୀୟ ଅଧିନାୟକ ରୋହିତ ଶର୍ମା କହିଛନ୍ତି ଯେ ତାଙ୍କର ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ପୁରୁଷ ଟି-୨୦ ବିଶ୍ୱକପ ବିଜୟ ପରେ ରାହୁଲ ଦ୍ରାବିଡ଼ ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେବା ପରଠାରୁ ରୋହିତ ଏବଂ ଗମ୍ଭୀର ଏକାଠି କାମ କରୁଛନ୍ତି, କିନ୍ତୁ ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଲଗାତାର ଦୁଇଟି ମ୍ୟାଚ୍ ଜିତିଛି। ଆମେ ଟେଷ୍ଟ ସିରିଜ୍ ହାରିଛୁ।

୧୨ ବର୍ଷ ପରେ ନ୍ୟୁଜିଲାଣ୍ଡ ଭାରତକୁ ତା'ର ନିଜ ମାଟିରେ ୩-୦ରେ ପରାସ୍ତ କଲା। ନିକଟରେ, ଗମ୍ଭୀର ବର୍ଡର-ଗାଭାସ୍କର ଟ୍ରଫି ସମୟରେ ଡ୍ରେସିଂ ରୁମ୍ ଭିତରେ ଭାରତୀୟ ଦଳ ଉପରେ ଆକ୍ରମଣ କରିଥିବା ଖବର ମଧ୍ୟ ସାମ୍ନାକୁ ଆସିଥିଲା। ତଥାପି ଚାମ୍ପିଅନ୍ସ ଟ୍ରଫି ଦଳ ଘୋଷଣା କରିବା ସମୟରେ ୩୭ ବର୍ଷୀୟ ରୋହିତ ଶର୍ମା କହିଥିଲେ ଯେ ଗମ୍ଭୀର ତାଙ୍କ ଉପରେ ପୂର୍ଣ୍ଣ ଭରସା ଦେଖାଇଛନ୍ତି।

ରୋହିତ କହିଥିଲେ, ଆମେ ଦୁହେଁ କ'ଣ କରିବାକୁ ଚାହୁଁଛୁ ସେ ବିଷୟରେ ଆମେ ବହୁତ ସ୍ପଷ୍ଟ। ମୁଁ ଏଠାରେ ବସି ଦେଖୁଛି ଯେ ପ୍ରତ୍ୟେକ ମ୍ୟାଚ୍‌ରେ ରଣନୀତି ଦୃଷ୍ଟିରୁ ପରଦା ପଛରେ କ'ଣ ଘଟେ। ଏହା ବିଷୟରେ ଆଲୋଚନା କରିବି ନାହିଁ, କିନ୍ତୁ ଏହା ମୋ ମନରେ ସ୍ପଷ୍ଟ। ଗୌତମ ଗମ୍ଭୀର ବହୁତ ଭଲ... ଆମେ ପଡ଼ିଆରେ ପ୍ରବେଶ କରିବା ପରେ, ସେ ଅଧିନାୟକଙ୍କ ଉପରେ ଭରସା କରନ୍ତି।

ରୋହିତ କହିଛନ୍ତି, ମୌଳିକ କଥାବାର୍ତ୍ତା କେବଳ ପଡ଼ିଆ ବାହାରେ ହୁଏ। ପଡ଼ିଆରେ କିମ୍ବା ହୁଏତ ଡ୍ରେସିଂ ରୁମ୍‌ରେ, ଆମେ ପଡ଼ିଆକୁ ପ୍ରବେଶ କରିବା ପରେ ଏହା ସବୁକିଛି ଉପରେ ନିର୍ଭର କରେ ଯେ ମୁଁ ପଡ଼ିଆରେ କ'ଣ କରେ। ଏହା ହେଉଛି ଆମର ପରସ୍ପର ଉପରେ ଏହି ପ୍ରକାରର ବିଶ୍ୱାସ। ଏହା କେବଳ ଏହିପରି ହେବା ଉଚିତ।



ଭୁବନେଶ୍ୱର : ଲୋହିଆ ଏକାଡ଼େମୀ ସଭା ଗୃହରେ ଆୟୋଜିତ ଏକ ସଭାରେ ବରିଷ୍ଠ ସମାଜସେବୀ ପ୍ରଦୀପ କୁମାର ଦେହୁରୀଙ୍କୁ ସେବାରତ୍ନ ସମ୍ମାନରେ ସମ୍ମାନିତ କରୁଛନ୍ତି ବିଜେପି ମୁଖପାତ୍ର ସଜ୍ଜନ ଶର୍ମା ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ଦୁଇ ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ସିପିପି କାରାକୋଲ୍‌ହା ଦଳକୁ ହରାଇ ଡିଆରଆଇ କାରାଖେଣ୍ଡାରା ଦଳ ଚାମ୍ପିଅନ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ରୁଙ୍ଗଟା ମାଇନ୍ସ ଲିମିଟେଡ଼ ପ୍ଲାଣ୍ଟ ଡିଭିଜନ ଅନୁକୂଲ୍ୟରେ ବଡ଼ବିଲ ସ୍ଥିତ ସ୍ଥାନୀୟ ଖେଳ ପଡ଼ିଆରେ ୧୬ ଓ ୧୭ ଦୁଇଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶହ ଶହ ଦର୍ଶକ ଏହି ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିଥିବା ବେଳେ, କାରାକୋଲ୍‌ହା, କାରାଖେଣ୍ଡରା ଓ ବଡ଼ବିଲ ଅଫିସର କର୍ମଚାରୀ ତରଫରୁ ଆଠ ଗୋଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ସମସ୍ତ ଲିଗ୍ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ସିପିପି କାରାକୋଲ୍‌ହା ଏବଂ ଡିଆରଆଇ କାରାଖେଣ୍ଡାରା ଫାଇନାଲରେ ଖେଳିବାପାଇଁ ଉତ୍ତୀର୍ଣ୍ଣ ହୋଇଥିଲେ। ଶେଷରେ ଡିଆରଆଇ କାରାଖେଣ୍ଡାରା ଦଳ ଚାମ୍ପିଅନ ହୋଇଥିବା ବେଳେ, ସିପିପି କାରାକୋଲ୍‌ହା ଦଳ ରନର୍ସଅପ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସୂଚାରୁରୂପେ ପରିଚାଳନା କରିବାପାଇଁ କାରାକୋଲ୍‌ହା ଓ କାରାଖେଣ୍ଡାରା ଷ୍ଟିଲ ପ୍ଲାଣ୍ଟର ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ପ୍ରବନ୍ଧକ ଶୈଳେନ୍ଦ୍ର କୁମାର ବାରିକ, ପ୍ରବନ୍ଧକ କଲ୍ୟାଣ କମଳ ଭୂୟାଁ, ତୁଷାର ସାହୁ, କୁନାଲ ଜେନା, ରାଜେଶ କନର, ସୋମେଶ ଦାସ ତଥା କାରଖାନାର ପ୍ରବନ୍ଧକ ସୁମିତ ଚାନ୍ଦ, ସରୋଜ ମହାପାତ୍ର ଏବଂ ସମାଜସେବୀ ଲଛମନ ମହାନ୍ତଙ୍କ ସହଯୋଗରେ ଖେଳ ପରିଚାଳନା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଆନନ୍ଦ ଚରଣ ସାହୁ, ଶୈଳେନ୍ଦ୍ର କୁମାର ବାରିକ, କେ.ସି. ପାତ୍ର, ସୌଭିକ ଭଟ୍ଟାଚାର୍ଯ୍ୟ, ଅଜିତ ପ୍ରଧାନ, ଭି.ଏନ. ଝା, ବିନୟ ଠାକର, ଏସ. ସୁନ୍ଦରମନ ଏବଂ ସମାଜସେବୀ ଲଛମନ ମହାନ୍ତ ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା। ରୁଙ୍ଗଟା ମାଇନ୍ସ ଲିମିଟେଡ଼ ପ୍ଲାଣ୍ଟ ଡିଭିଜନ ନିର୍ଦ୍ଦେଶକ ପ୍ରଣୟ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୁଚାରୁରୂପେ ପରିଚାଳନା କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ କର୍ମଚାରୀ ଗହଣରେ ତାଙ୍କୁ ସାଧୁବାଦ ଜଣାଇଥିଲେ।

# ଏମ୍‌ପିଙ୍କୁ ଜୀବନସାଥୀ କରିବେ ରିଙ୍କୁ ସିଂ



**ନୂଆଦିଲ୍ଲୀ**

ଭାରତର ତାରକା କ୍ରିକେଟର ରିଙ୍କୁ ସିଂଙ୍କ ନିର୍ବନ୍ଧ ହୋଇସାରିଥିବା ନେଇ ଖବର ସାମ୍ନାକୁ ଆସିଥିଲା। ସମାଜବାଦୀ ପାର୍ଟି ଏମ୍‌ପି ପ୍ରିୟା ସରୋଜଙ୍କ ସହ ଲକ୍ଷ୍ନୌରେ ସେ ନିର୍ବନ୍ଧ କରିଥିବା କୁହାଯାଇଥିଲା। ଏହାର କିଛି ଫଟୋ ଭାଇରାଲ ହୋଇଥିଲା। ହେଲେ ଏହା ଗୁଜବ ବୋଲି ଜଣାପଡ଼ିଛି। ଏବେ ଉଭୟଙ୍କ ନିର୍ବନ୍ଧ ହୋଇ ନ ଥିବା ପ୍ରିୟାଙ୍କ ବାପା ତୁଫାନୀ ସରୋଜ ସ୍ପଷ୍ଟ କରିଛନ୍ତି। ତେବେ ଆଗାମୀ ଦିନରେ ଦୁହିଁଙ୍କ ନିର୍ବନ୍ଧ ହେବ ବୋଲି ସେ କହିଛନ୍ତି। ତୁଫାନୀ ସରୋଜ ଝିଅଙ୍କ ସହ ରିଙ୍କୁଙ୍କ ସମ୍ପର୍କରେ ମୋହର ମାରିଛନ୍ତି। ପ୍ରଥମେ ଏନେଇ ପ୍ରସ୍ତାବ ଆସିଥିଲା। ପରେ ପରିବାର ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ଦୁହେଁ ପରସ୍ପରକୁ ପସନ୍ଦ କରନ୍ତି। ଏହି ସମ୍ପର୍କ ଲାଗି ଉଭୟେ ପ୍ରସ୍ତୁତ ବୋଲି ସେ କହିଛନ୍ତି। କୁହାଯାଉଛି ଯେ ରିଙ୍କୁ ଏବଂ ପ୍ରିୟାଙ୍କ ନିର୍ବନ୍ଧ ସଂସଦର ବଜେଟ ଅଧିବେଶନ ଶେଷ ହେବା ପରେ ହେବ। ଏବେ କେବଳ ରୋକା ହୋଇଛି। ଶୀଘ୍ର ଦୁହେଁ ଲକ୍ଷ୍ନୌରେ ନିର୍ବନ୍ଧ ଏବଂ ପରେ ବିବାହ କରିବେ। ଏହାପରେ ଜୌନପୁର ଏବଂ ଅଲିଗଡ଼ରେ ରିସେପ୍‌ସନ ଦିଆଯିବ। ଏଥିରେ କ୍ରିକେଟ ଏବଂ ରାଜନୀତି ସହ ଜଡ଼ିତ ଅନେକ ଲୋକପ୍ରିୟ ତାରକା ସାମିଲ ହେବେ।

i-428

GOVERNMENT OF ODISHA
OFFICE OF THE PANCHAYAT SAMITI PURI SADAR, PURI.
Email- ori-bpuri@nic.in

NATIONAL COMPETITIVE BIDDING THROUGH e-Procurement

Bid Identification No.: - 03/2024-25/PURI SADAR BLOCK

The **OFFICE OF THE PANCHAYAT SAMITI PURI SADAR, Puri, Odisha** on behalf of Governor of Odisha invites **Percentage Rate Bids** through **e-Procurement** in **Single Cover System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in e-procurement portal **https://tendersodisha.gov.in**. The bid should be submitted on-line only on the website ***www.tendersodisha.gov.in*** by an eligible class of contractor.

| | | |
|---|---|---|
| 1 | Name of the Works: - | Construction of Additional Classroom for Primary and Secondary Schools by Panchayata Samiti, Puri Sadar |
| 2 | No. of Works: - | 08 (Eight) Nos. |
| 3 | Estimated Cost (in Rs.): - | Varies from Rs. 9.01 Lakh to Rs. 49.64 Lakh (Approximately) |
| 4 | Period Of Completion: - | Approximately 04 (Four) Calendar Months |
| 5 | Date and Time of availability of Bid Documents in the Portal: - | From Dt. 18.01.2025 at 05:00 PM to Dt. 30.01.2025 upto 5:00 PM. |
| 6 | Last Date/Time of receipt of Bids in the Portal: - | Dt. 30.01.2025 upto 5:00 PM. |
| 7 | Date of Opening of Bids: - | Dt. 31.01.2025 11:00 AM onwards |
| 8 | Name and Address of the OIT: - | Office of The Panchayat Samiti, Puri Sadar, Puri, Odisha. |

Sd/- BLOCK DEVELOPMENT OFFICER
PURI SADAR, PURI
OIPR-19380/11/0004/2425

E-691

OFFICE OF THE DIRECTOR
ACHARYA HARIHAR POSTGRADUATE INSTITUTE OF CANCER, CUTTACK
Tender Notice No. 231 /dated: 16.01.2025
S-13 / 2018-24

Sealed tenders are invited in two-bid system by The Director, **Acharya Harihar Post Graduate Institute of Cancer, Cuttack-753007 for supply of Hospital Furniture** on rate contract basis for a period of two years. The bid documents and all details can only be downloaded from the website of AHPGIC, www.ahpgic.in.

The tender schedule dates are as mentioned below:

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) | 11.02.2025 by 5 PM |
| 2 | Date and time of pre-bid meeting | 28.01.2025 at 1.00 PM |
| 3 | Date & time of opening of technical bid (in presence of bidders/ their authorized agents) | 12.02.2025 at 1.00 PM |
| 4 | Date of opening of price bid | To be informed to the qualified bidders. |

The authority reserves the right to accept/reject any/all bids without assigning any reasons thereof.

**NB:**
1. If any of the dates above fall on a holiday, then the next working day shall be the last date of submission of bids, date of pre-bid meeting, or date of opening of bids.
2. If any changes/modifications are made in the tender paper, then the corrigendum issued if any shall only be uploaded in the website of AHPGIC and no advertisement in newspapers shall be published in this regard

Sd/- Director
AHPGIC, Cuttack
OIPR-10171/11/0013/2425

# ଜିନ୍ଦଲ ପ୍ରିମିୟର ଲିଗ୍ ୨୦୨୪-୨୫ ଉଦ୍‌ଯାପିତ: ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ ଚାମ୍ପିଅନ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**




ପ୍ରାୟ ଗୋଟିଏ ମାସ ଧରି ଅନୁଗୁଳର ଜିନ୍ଦଲ ନଗରରେ ଚାଲିଥିବା ଜିନ୍ଦଲ ପ୍ରିମିୟର ଲିଗ୍ ୨୦୨୪-୨୫ ଉଦ୍‌ଯାପିତ ହୋଇଛି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ପ୍ରତିଭାବାନ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି କ୍ରିକେଟ ଲିଗ୍ ଡିସେମ୍ବର ୭ ତାରିଖରୁ ଆରମ୍ଭ ହୋଇ, ଜାନୁୟାରୀ ୧୭ ତାରିଖ ଯାଏଁ ଚାଲିଥିଲା। ଜେଏସପି ଅନୁଗୁଳର ମାନବ ସମ୍ବଳ ବିଭାଗ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ବର୍ଗ ଯଥା- ଜେଏସପି ଜେଣ୍ଟସ୍, ଜେଏସପି ଲେଡିଜ୍ ଏବଂ ଜେଏସପି ସ୍କୁଲ ଟିମ ଭାଗ ନେଇଥିଲେ। ଜେଏସପି ଜେଣ୍ଟସ୍ ବର୍ଗରେ ୫୪ଟି ଦଳ ଭାଗ ନେଇଥିଲେ। ବିଭିନ୍ନ ବିଭାଗ ଓ ଭେଣ୍ଡରମାନଙ୍କୁ ନେଇ ଗଠିତ ହୋଇଥିବା ଏହି ଦଳସବୁ ୧୦ ଓଭର ବିଶିଷ୍ଟ ୫୪ଟି ମ୍ୟାଚ୍ ଖେଳିଥିଲେ। ଫାଇନାଲ ମ୍ୟାଚରେ ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ ଦଳ ଏବଂ ସିଏଚପି ସ୍ମାସର୍ସ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ ପ୍ରଥମେ ଫିଲ୍ଡିଂ କରିବା ସହ ସିଏଚପି ସ୍ମାସର୍ସ ଦଳ ରଖିଥିବା ୧୨୧ ରନର ବିଜୟ ଲକ୍ଷ୍ୟକୁ ୯ ଓଭରରେ ୫ ଓ୍ୱିକେଟ ହରାଇ ହାସଲ କରି ଚାମ୍ପିୟନ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲୁନାଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ ଓ୍ୱିକେଟ ସହ ୨୧୩ ରନ ସଂଗ୍ରହ କରିଥିବାରୁ ତାଙ୍କୁ ବେଷ୍ଟ ବ୍ୟାଟସମ୍ୟାନର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଫାଇନାଲ ମ୍ୟାଚରେ ୧୨ ବଲରେ ୩୮ ରନ ସଂଗ୍ରହ କରିଥିବା ଚିନ୍ମୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୬ଟି ମ୍ୟାଚରେ ୧୧ଟି ଓ୍ୱିକେଟ ନେଇଥିବା ମରିୟାପ୍ପାନଙ୍କୁ ଶ୍ରେଷ୍ଠ ବୋଲର ଭାବେ ଘୋଷଣା କରାଯାଇଥିଲା। ବିଜୟୀ ଦଳର ଅଧିନାୟକ ଦେବେଶ ଦୀପକ ଏବଂ ରନର୍ସ ଅଫ ଦଳର ଅଧିନାୟକ ତନ୍ମୟ ପ୍ରଧାନ ଉଚ୍ଚସ୍ତରୀୟ ନେତୃତ୍ୱ ପ୍ରଦାନ କରିଥିଲେ। ଉଭୟ ଦଳର ଅଧିନାୟକ ଏଭଳି ଆକର୍ଷଣୀୟ ଆୟୋଜନ ପାଇଁ ଆୟୋଜକ ଏବଂ ଜେଏସପି ମ୍ୟାନେଜମେଣ୍ଟକୁ ଧନ୍ୟବାଦ ଅର୍ପଣ କରିଥିଲେ। ଜେଏସପି ଲେଡିଜ ବର୍ଗରେ ୪ଟି ଦଳ ଭାଗ ନେଇଥିଲେ। ଏଥିରେ ଜେକ୍ୟୁଏଲସି କ୍ଲବକୁ ପରାସ୍ତ କରି ଜେକ୍ୟୁଏସଏଫଏସଏସ ଦଳ ଚାମ୍ପିଅନ ହୋଇଥିଲା। ସେହିପରି ସ୍କୁଲ ଟିମ୍ ବର୍ଗରେ ଓପି ଜିନ୍ଦଲ ସ୍କୁଲ ଏକାଦଶ, ସାବିତ୍ରୀ ଜିନ୍ଦଲ ଡିଏଭି ସ୍କୁଲକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳିଙ୍କ ଖେଳୁଆଡ଼ ମନୋଭାବକୁ ବେଶ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏସଏମଏସ ଅଧ୍ୟକ୍ଷ ଅତୁଲ ଦୁବେ, ଏଭିବି-ଏସଏମଏସ ଶ୍ରୀକାନ୍ତ ଆତ୍ରେ, ଜିଏମ-ବିଏଚଆର ଶରତ କିଶୋର ପଣ୍ଡା, ଜିଏମ ସେଫ୍ଟି ରାଜୀବ ସୋନି ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସାମିଲ ହୋଇଥିଲେ।

RNI Regd. No. : 52640/94
Postal Regd. No. :
BN/60/25-27

## ରସିକେଷୁ...



ପୁଅଟିଏ ପାଇଁ ପତ୍ନୀଙ୍କର ଇଚ୍ଛା ଥିଲେ ହେଁ ଗ୍ରୀନ୍‌କାର୍ଡ ପାଇବା ଆଶାରେ ଝିଅର ବାପା ପରିବାରର କଲ୍ୟାଣ ବିଭାଗ ଡାକ୍ତରଙ୍କ ନିକଟକୁ ଗଲେ। ଡାକ୍ତର ପାରମ୍ପରିକ ଭାବେ ତାଙ୍କୁ ଅସ୍ତ୍ରୋପଚାର ପରାମର୍ଶ ଦେଲେ। ଭଦ୍ରବ୍ୟକ୍ତି ଡାକ୍ତରଙ୍କ କଥାରେ ରାଜି ହୋଇ 'ଲେଡିଜ୍ ଫାଷ୍ଟ' ବଦଳରେ ଜେଣ୍ଟସ୍ ଫାଷ୍ଟ' କହି ନିଜଠାରେ ପରିବାର ନିୟୋଜନ ଅସ୍ତ୍ରୋପଚାରଟି କରାଇନେଲେ।

ଏବେ ସେ ନିଶ୍ଚିନ୍ତ। ଆଉ ଭୟ ନାହିଁ। ଭଗବାନ ଯେଉଁ ଝିଅଟି ଦେଇଛନ୍ତି ତାକୁ ଭଲରେ ମଣିଷ କରିବା। ଗ୍ରୀନ୍ କାର୍ଡରେ ବହୁତ ସୁବିଧା ଅଛି। ମାତ୍ର ଅଳ୍ପ କେଇମାସ ପରେ ତାଙ୍କର ଅସ୍ତ୍ରୋପଚାର ବିଫଳ ହେଲା। ତାଙ୍କ ପତ୍ନୀ ପୁଣି ମା' ହେବାକୁ ଯାଉଛନ୍ତି ବୋଲି ଡାକ୍ତରାଣୀ ଘୋଷଣା କଲେ। ଏ ଖବର ଶୁଣିବା ପରେ ଭଦ୍ରବ୍ୟକ୍ତିଙ୍କର ସବୁ ଯୋଜନା ଗୋଳମାଳ ହୋଇଗଲା। ସେ ଦୌଡିଲେ ପରିବାର କଲ୍ୟାଣ ଡାକ୍ତରଙ୍କ ପାଖକୁ। ତାଙ୍କୁ ଉଚ୍ଚ ସ୍ୱରରେ ତିରସ୍କାର କଲେ-ଆପଣଙ୍କୁ ଯଦି ଜଣାନଥିଲା ତେବେ ହାତ ଦେଉଥିଲେ କାହିଁକି ? ମୋ ପତ୍ନୀ ପୁଣି ମା' ହେବାକୁ ଯାଉଛନ୍ତି। ଡାକ୍ତର ଭଦ୍ରଲୋକଙ୍କ ମୁହଁକୁ କେଇ ସମୟ ଚାହିଁବା ପରେ ପଚାରିଲେ-ଆପଣଙ୍କୁ କିଏ କହିଲା ମୁଁ ଭଲ ଅପରେସନ୍ କରିଛି ବୋଲି ? ଆଉ ତା' ହେଲେ ମୋ ସ୍ତ୍ରୀ ମା' ହେବାକୁ ଯାଉଛନ୍ତି କାହିଁକି ? ଡାକ୍ତରବାବୁ ଶାନ୍ତ ସ୍ୱରରେ କହିଲେ - ଦେଖନ୍ତୁ, ଆପଣଙ୍କଠି ଯେ ସଫଳ ଅସ୍ତ୍ରୋପଚାର କରିଛି, ଏ ଗ୍ୟାରେଣ୍ଟି ମୁଁ ୧୦୦ଥର ଦେଇପାରେ, ତେବେ ଆପଣଙ୍କ ସାଇର ସବୁ ଲୋକ ଯେ ଅପରେସନ୍ ହୋଇଛନ୍ତି ଏ ଗ୍ୟାରେଣ୍ଟି ଆପଣ ଦେଇପାରିବେ କି ?

# ମାନହାନି ମାମଲାରେ ରାହୁଲଙ୍କୁ 'ସୁପ୍ରିମ' ଆଶ୍ୱସ୍ତି

## ତଳକୋର୍ଟଙ୍କ ଫୈସଲା ସ୍ଥଗିତ



ନୂଆଦିଲ୍ଲୀ ୨୦/୧

ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ବଡ ଆଶ୍ୱସ୍ତି। ମାନହାନି ମାମଲାରେ ତଳକୋର୍ଟଙ୍କ ଫଇସଲାକୁ ରଦ୍ଦ କଲେ ସୁପ୍ରିମକୋର୍ଟ । ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ବିରୋଧରେ ଦେଇଥିବା ବୟାନ ପାଇଁ ରାହୁଲଙ୍କ ନାଁରେ ଏକ ମାନହାନୀ ମକଦ୍ଦମା ରୁଜୁ ହୋଇଥିଲା। ସୁପ୍ରିମକୋର୍ଟ ଏବେ ସେହି ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ବସିଥିବା ଖଣ୍ଡପୀଠରେ ଝାଡଖଣ୍ଡ ହାଇକୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରି ରାହୁଲଙ୍କ ଦ୍ୱାରା ଦାୟର ହୋଇଥିବା ଏକ ସ୍ୱତନ୍ତ୍ର ଅନୁମତି ଆବେଦନର ଶୁଣାଣି କରିଥିଲେ । ରାହୁଲ ଗାନ୍ଧିଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି କହିଛନ୍ତି ଏମିତି ଅନେକ କେସ୍ ରହିଛି କେବଳ ପୀଡିତ ବ୍ୟକ୍ତି ହିଁ ମାନହାନି ମାମଲା ଦାୟର କରିପାରିବେ । କୌଣସି ପ୍ରକ୍ସି ପାର୍ଟି ଅଭିଯୋଗ ଦାଖଲ କରିପାରିବେନି । ବିଜେପି କାର୍ଯ୍ୟକର୍ତ୍ତା ନବୀନ ଝା ଅମିତ ଶାହଙ୍କ ବିଷୟରେ ଟିପ୍ପଣୀ ପାଇଁ ୨୦୧୯ରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା ଦାୟର କରିଥିଲେ । ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ ଚାଇବାସାରେ ଏକ ସଭାରେ ଭାଷଣ ଦେବା ସମୟରେ ରାହୁଲ ଗାନ୍ଧି ଅମିତ ଶାହଙ୍କ ବିଷୟରେ ହତ୍ୟାକାରୀ ଶବ୍ଦ ପ୍ରୟୋଗ କରିଥିଲେ । ଯାହାକୁ ନେଇ ରାଜନୀତି ଜୋର ଧରିଥିଲା ।

## ଏସସିବିରେ ଡାକ୍ତରଙ୍କୁ ମାଡ଼ ଘଟଣା : ଅଭିଯୁକ୍ତଙ୍କୁ ଅଟକ ରଖିଲା ପୋଲିସ




କଟକ, ୨୦/୧ ନ୍ୟୁଜ ବ୍ୟୁରୋ

କଟକ ଏସସିବି ମେଡିକାଲ କଲେଜରେ ପୁଣି କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ। ଏହାର ପ୍ରତିବାଦରେ ସୋମବାର ପିଜି ଡାକ୍ତରମାନେ ପ୍ରତିକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ଅନୁସାରେ ରବିବାର ବିଳମ୍ବିତ ରାତିରେ ତିନି ଜଣ ବ୍ୟକ୍ତି କୁକୁର କାମୁଡ଼ାରେ ଆହତ ହୋଇ ଏସସିବି ଟ୍ରମା କାଜୁଆଲଟିକୁ ଆସିଥିଲେ। କୁକୁର କାମୁଡ଼ିବା କାରଣରୁ ଏମାନଙ୍କ ହାତ ଓ ଗାଲରେ କ୍ଷତ ହୋଇଥିଲା। ହେଲେ ଏସସିବିରେ ଚିକିତ୍ସା ସମୟରେ ସେମାନେ କାଜୁଆଲଟିରେ ଥିବା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିଲେ। ଆଉ ଏହି ସମୟରେ ଘଟଣାର ସମାଧାନ କରିବାକୁ ଆସିଥିବା ମେଡିକାଲ ଅଫିସର ଜ୍ୟୋତି ପ୍ରକାଶଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତେବେ ଏନେଇ ମେଡିକାଲ ଫାଣ୍ଡିରେ ଏତଲା ଦିଆଯାଇଥିବା ବେଳେ, ଯୁବକମାନେ ନିଶାସକ୍ତ ଅବସ୍ଥାରେ ଏଭଳି କରିଥିବା କହିଛନ୍ତି ଏସସିବି ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ପିଜି ରେସିଡେଣ୍ଟ ଡାକ୍ତର ଚିନ୍ମୟ କୁମାର ପ୍ରଧାନ। ତେବେ ଏହି ଘଟଣାର ପ୍ରତିବାଦ କରି ସୋମବାର ପିଜି ଡାକ୍ତରମାନେ ପ୍ରତିକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଆଉ ଯଦି କାର୍ଯ୍ୟାନୁଷ୍ଠାନ ନହେଲେ ଆଗକୁ ଡାକ୍ତରମାନେ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ପୋଲିସ ଅଟକ ରଖିଛି।

# କିସ୍‌ର ୩ ବିଶ୍ୱ ବିଜୟୀଙ୍କୁ ଅଭିନନ୍ଦନ ଜଣାଇଲେ ଡ. ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର, ୨୦ ।୧ ନ୍ୟୁଜ ବ୍ୟୁରୋ

ପାରମ୍ପରିକ କ୍ରୀଡ଼ା ଖୋଖୋରେ କିସ୍ ବିଶ୍ୱବିଦ୍ୟାଳୟର ୩ ଖେଳାଳି ପାବନି ଶବର, ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ଇତିହାସ ରଚିଛନ୍ତି । ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ଖୋ ଖୋ ବିଶ୍ୱକପରେ ଉଭୟ ପୁରୁଷ ଓ ମହିଳାରେ ଆୟୋଜକ ଭାରତ ବିଜେତା ହୋଇଛି । ଏଥିରେ ପୁରୁଷ ବର୍ଗରେ କିସ୍ ଛାତ୍ର ପାବନି ଶବର ସାମିଲ ହୋଇଥିବା ବେଳେ ମହିଳା ଦଳରେ ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ସାମିଲ ହୋଇଥିଲେ । ଏହା ଦ୍ୱାରା ଭାରତ ସହ ଓଡ଼ିଶା କ୍ରୀଡ଼ା ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡ଼ିହୋଇଛି । କିସ୍ ଛାତ୍ରଛାତ୍ରୀଙ୍କ ଏହି ସଫଳତାର ଖବର ପାଇବା ପରେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଦିଲ୍ଲୀ ପହଞ୍ଚିଥିଲେ । ତିନି ବିଶ୍ୱ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ କେବଳ କିସ୍ ନୁହେଁ, ଓଡ଼ିଶା, ଭାରତ ଏବଂ ସମଗ୍ର ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ଡ. ସାମନ୍ତ ପ୍ରକାଶ କରିଛନ୍ତି । ଭାରତ ବିଜୟୀ ହେବା ପରେ ଭାରତୀୟ ଦଳର ଏହି ଐତିହାସିକ ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇ ଥିବାରୁ ଡ.ସାମନ୍ତ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସଫଳତା ଲାଗି ଖେଳାଳିମାନେ ଡ. ସାମନ୍ତ ଓ କିସ୍‌କୁ ଏହାର ଶ୍ରେୟ ଦେଇଛନ୍ତି । ବାଲେଶ୍ୱର ନୀଳଗିରି ଅଞ୍ଚଳର ଶୁଭଶ୍ରୀ ଓ ରାୟଗଡ଼ା କାସନଦରର ମାଗାଇ ୨୦୧୩ରୁ ଖୋଖୋ ଖେଳିବା ଆରମ୍ଭ କରିଥିଲେ । ସେହିପରି ଗଜପତି ଜିଲ୍ଲାରୁ ଆସି କିସ୍‌ରେ ପଢୁଥିବା ପାବନି ପାଠ ପଢ଼ା ସହ ଖୋ ଖୋରେ ନିଜର ରୁଚି ରଖିଥିଲେ ।

## ମାଓବାଦର ଘଟିବ ଅନ୍ତ : ଓଡ଼ିଶା ଓ ଛତିଶଗଡ଼ ପୋଲିସର ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନ ଆରମ୍ଭ



ମାଲକାନଗିରି, ୨୦।୧
ନ୍ୟୁଜ ବ୍ୟୁରୋ

ଆରମ୍ଭ ହୋଇଛି ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନ । ଓଡ଼ିଶାର ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଓଡ଼ିଶା ଓ ଛତିଶଗଡ଼ ପୋଲିସ ଏବଂ ସିଆରପିଏଫ ଯବାନଙ୍କର ଏକ ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନ ଆରମ୍ଭ ହୋଇଛି । ରବିବାର ରାତିରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲା ସୀମାଠାରୁ ମାତ୍ର ୫ କିମି ଦୂର ଛତିଶଗଡ଼ର କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଗୁଇନ୍ଦା ସୂଚନା ମିଳିଥିଲା। ସେହି ଅନୁଯାୟୀ, ଉଭୟ ରାଜ୍ୟର ସୁରକ୍ଷା ବାହିନୀଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଶି ଏହି ସମ୍ମିଳିତ ଅଭିଯାନ ଆରମ୍ଭ କରିଛନ୍ତି । ଅନ୍ୟପଟେ ଛତିଶଗଡ଼ର ବିଜାପୁର ଜିଲ୍ଲା ଅନ୍ତର୍ଗତ ପୂଜାରୀ କାଙ୍କେରସ୍ଥିତ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ହୋଇଥିଲା। ସୁରକ୍ଷା କର୍ମୀଙ୍କ ନିର୍ଘାତ ଗୁଳିମାଡ଼ରେ ୧୮ ଜଣ ମାଓବାଦୀ ନିପାତ ହୋଇଥିଲେ । ସୂଚନା ମୁତାବକ, ଛତିଶଗଡ଼ ବିଜାପୁର ଜଙ୍ଗଲରେ ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଥିଲେ । କମ୍ବିଂ ଅପରେସନ୍‌ରେ ବିଜାପୁର, ଡିଆରଜି ସୁକମା, ଡିଆରଜି ଦନ୍ତେୱାଡ଼ା, କୋବ୍ରାର ପୃଥକ ପୃଥକ ବାଟାଲିୟନ ଏବଂ ସିଆରପିଏଫ୍‌ର ପ୍ରାୟ ୧୨୦୦ରୁ ୧୫୦୦ ଯବାନ ସାମିଲ ହୋଇଥିଲେ । ଦକ୍ଷିଣ ବିଜାପୁରରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା । ଏହା ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିଲା । ଏଥିରେ ସୁରକ୍ଷା କର୍ମୀଙ୍କୁ ବଡ଼ ସଫଳତା ମିଳିଥିଲା । ଏହି ଏନ୍‌କାଉଣ୍ଟରରେ ୧୨ ଜଣ ମାଓବାଦୀ ନିହତ ହୋଇଥିବା କହିଥିଲା ଛତିଶଗଡ଼ ପୋଲିସ । ହେଲେ ପରେ ୧୨ ନୁହେଁ ୧୮ ଜଣ ମାଓବାଦୀ ଏହି ଏନକାଉଣ୍ଟରରେ ନିହତ ହୋଇଥିବା ଜଣାପଡ଼ିଥିଲା। ତାହା ପୁଣି ଦକ୍ଷିଣ ବସ୍ତର ମାଓ ସଂଗଠନ ପକ୍ଷରୁ ଏକ ଚିଠି ମାଧ୍ୟମରେ ସ୍ପଷ୍ଟ କରାଯାଇଥିଲା । ସେହିପରି ମାଓ ସଂଗଠନ ପକ୍ଷରୁ ମାଓନେତା ଦାମୋଦରଙ୍କ ଏକ ଫଟୋ ମଧ୍ୟ ଜାରି କରାଯାଇଥିଲା। ଯେଉଁଥିରେ ପୋଲିସ ଗୁଳିରେ ଦାମୋଦର ନିହତ ହୋଇଥିବା କଥା ସ୍ପଷ୍ଟ କରିଥିଲେ। ଚିଠିରେ ଆହୁରି ଲେଖା ଅଛି ଯେ, ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର ପରେ ୧୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ, ବାକି ୬ ଜଣଙ୍କ ମୃତଦେହକୁ ଏନକାଉଣ୍ଟର ପରେ ସାଥୀମାନେ ନେଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଜାନୁଆରୀ ୧୨ରେ ବିଜାପୁର ଜିଲ୍ଲାର ନ୍ୟାସନାଲ ପାର୍କ ଅଞ୍ଚଳରେ ହୋଇଥିବା ଏନକାଉଣ୍ଟରରେ ୩ ସନ୍ଦିଗ୍ଧ ମାଓବାଦୀ ନିପାତ ହୋଇଥିଲେ । ଜାନୁଆରୀ ୯ରେ ସୁକମା ଜିଲ୍ଲାର ଆଉ ଏକ ଅପରେସନରେ ୩ ମାଓବାଦୀ ପ୍ରାଣ ହରାଇଥିଲେ । ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦର ଅନ୍ତ ଘଟିବା ନେଇ ଜାନୁଆରୀ ୬ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ । ସରକାରଙ୍କ ନିଷ୍ପତ୍ତି ସ୍ୱରୂପ ସେବେଠାରୁ ମାଓ ଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି ।

## ବିଜେଡିରେ ଘର ସଜଡ଼ା ଅଭିଯାନ : ସୁଧାଂଶୁଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହୃତ




ଭୁବନେଶ୍ୱର,୨୦/୦୧
ନ୍ୟୁଜ ବ୍ୟୁରୋ

ବିଜେଡି ଆରମ୍ଭ କରିଛି ଘର ସଜଡ଼ା ଅଭିଯାନ । ଯେଉଁମାନେ ଦଳ ଛାଡ଼ି ଯାଇଥିଲେ କିମ୍ବା ସେମାନଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା, ସେମାନଙ୍କ ସହ ପୁଣି ଯୋଗାଯୋଗ କରାଯାଉଛି । ସେମାନଙ୍କୁ ଦଳକୁ ଫେରାଇ ଆଣିବାକୁ ଉଦ୍ୟମ କରାଯାଉଛି । ସେହି କ୍ରମରେ ବାଲେଶ୍ୱର ଜିଲ୍ଲା ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ୨୦୨୩ ସେପ୍ଟେମ୍ବର ୨୧ରେ ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ଶ୍ରୀ ପରିଡ଼ାଙ୍କୁ ଦଳରୁ ବହିଷ୍କାର କରିଥିଲେ ଶ୍ରୀ ପଟ୍ଟନାୟକ । ସେତେବେଳେ ଶ୍ରୀ ପରିଡ଼ାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିଥିଲା । ତେଣୁ ବିଜେଡି ସୁଧାଂଶୁଙ୍କୁ ଦଳରୁ ବହିଷ୍କାର କରିବା ସହ ୨୦୨୪ ସାଧାରଣ ନିର୍ବାଚନରେ ବିଦ୍ୟାସ୍ମିତା ମହାଳିକଙ୍କୁ ଟିକଟ ଦେଇଥିଲା । ସୁଧାଂଶୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ମାତ୍ର ୬୮୩ ଖଣ୍ଡ ଭୋଟ ପାଇଥିଲେ । ସେହିପରି ରେମୁଣାରୁ ବିଜେଡିର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇ ନିର୍ବାଚନ ଲଢ଼ିଥିଲେ । ସୁଦର୍ଶନ ୧୨ ହଜାରରୁ ଅଧିକ ଭୋଟ ପାଇଥିଲେ । ତେବେ ସୁଧାଂଶୁଙ୍କ ସହ ବାଲେଶ୍ୱରର ପୂର୍ବତନ ସାଂସଦଙ୍କ ସମେତ ବିଜେଡିର ଗୋଟିଏ ବଡ଼ ଗୋଷ୍ଠୀର ମତଭେଦ ଥିଲା ଯାହା ଗତ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା । ଉଭୟ ରେମୁଣା ନିର୍ବାଚନମଣ୍ଡଳୀ ଓ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡି ହାରିଥିଲା । ମାତ୍ର ବିଳମ୍ବରେ ହେଉ ପଛେ ବିଜେଡି ତା'ର ବଳ ଗୋଟାଇବାକୁ ଆରମ୍ଭ କରିଛି। ତେଣୁ ଦଳରୁ ବହିଷ୍କାର ହୋଇଥିବା ନେତା ଓ କୋଣଠେସା ନେତାମାନଙ୍କୁ ପୁଣି ଦଳର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି ।

## ରାଜଭବନ ଛକରେ ୨ ଭାଇଙ୍କୁ କାର୍ ଦଳିଦେବା ଘଟଣାରେ ଡ୍ରାଇଭରକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର, ୨୦/୦୧ ନ୍ୟୁଜ ବ୍ୟୁରୋ

ରାଜଭବନ ଛକରେ ୨ ଭାଇଙ୍କୁ କାର୍ ଦଳିଦେବା ଘଟଣାରେ ମଣିଷମରା କାର୍ ଚାଳକଙ୍କୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି । ସେ ହେଲେ, ଲଲାଟେନ୍ଦୁ ବାରିକ (୪୦) । ଘର ଖୋର୍ଦ୍ଧା ଟାଙ୍ଗୀର ମଙ୍ଗଳାଯୋଡିରେ । ସେ ବର୍ତ୍ତମାନ ନନ୍ଦନକାନନ ରଘୁନାଥପୁର ଅଞ୍ଚଳର ରାଜମନୋହର ରେସିଡେନ୍ସି ବ୍ଲକ୍ ନଂ-୧ର ଫ୍ଲାଟ୍ ନଂ ୧୦୩ରେ ରହୁଛନ୍ତି । ଅନିଲ କୁମାର ନାୟକଙ୍କ ଏତଲା ଆଧାରରେ ପୁଲିସ କେସ୍ ନଂ ୨୫/୨୫ରେ ମାମଲା ରୁଜୁ କରିଛି।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଚିଲିକାରେ ଡଲ୍‌ଫିନ୍ ଗଣନା ଆରମ୍ଭ : ୧୮ ଟିମ୍ ନିୟୋଜିତ

ଚିଲିକା ୨୦/୧ ନ୍ୟୁଜ ବ୍ୟୁରୋ

ଆରମ୍ଭ ହେଲା ଚିଲିକାରେ ଡଲଫିନ୍ ଗଣନା । ଚିଲିକାରେ ଦେଖାଉଥିବା ବିରଳ ପ୍ରଜାତି ଇରାୱାଡି ଓ ଚିଲିକା ସମୁଦ୍ର ମୁହାଁଣରେ ଦେଖାଯାଉଥିବା ବଟଲ୍-ନୋଜ୍ ଡଲଫିନ୍‌ର ଗଣନା କରାଯାଉଛି । ସାତପଡା ରେଞ୍ଜ ଇଲାକାରେ ୮ଟି ଟିମ୍ ଓ ବାଲୁଗାଁ ରେଞ୍ଜ ଇଲାକାରେ ୧୦ ଟିମ୍ ଏମିତି ମୋଟ୍ ୧୮ଟି ଟିମ୍ ଗଠନ କରାଯାଇଛି । ପ୍ରତି ଟିମ୍‌ରେ ୫ରୁ ୬ ଜଣ ଗଣନାକାରୀଙ୍କ ସହ ଗବେଷକ ଓ ରିସର୍ଚ୍ଚ ପର୍ସନ ଅଛନ୍ତି । ୧୮ଟି ଡଙ୍ଗା ନିୟୋଜିତ କରାଯାଇଛି। ଗଣନା କାର୍ଯ୍ୟରେ ସିଡିଏର ରିସର୍ଚ୍ଚ ପର୍ସନ, ବନ୍ୟପ୍ରାଣୀ ବିଭାଗର କର୍ମଚାରୀଙ୍କ ସହ ବିଭିନ୍ନ ବନ୍ୟପ୍ରାଣୀ ସୁରକ୍ଷା ସଂଗଠନର କର୍ମକର୍ତ୍ତା, ପରିବେଶବିତ ଓ ଗବେଷକ ସାମିଲ ହୋଇଥିବା କହିଛନ୍ତି ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଳାନ କୁମାର ନାୟକ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିପିଏସ୍ ଟ୍ରାକ ଓ ବାଇନାକୁଲାର ବ୍ୟବହାର କରାଯାଇଛି । ସୋମବାରଠୁ ୨୧ ଓ ୨୨ ୩ଦିନ ଧରି ଚାଲିବ ଗଣନା କାର୍ଯ୍ୟ। ସୋମବାର ମିଳିତ ଭାବେ ଗଣନାକାରୀ ଗଣନା କରିବା ପରେ ଆଉ ୨ ଦିନ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ପୁନଃଗଣନା କରିବେ । ଗଣନା ସମୟରେ ଡଲଫିନ୍ ଚଳପ୍ରଚଳ କରୁଥିବା ସ୍ଥାନ ମାନଙ୍କରେ ଅନ୍ୟାନ୍ୟ ଡଙ୍ଗା ଚଳାଚଳ ଉପରେ ରୋକ୍ ଲଗାଯାଇଛି । ପର୍ଯ୍ୟଟକଙ୍କୁ ମଧ୍ୟ ଯିବାକୁ ବାରଣ କରାଯାଇଛି । ୨୦୨୧ରେ ଚିଲିକାରେ ୧୬୨ ଟି ଇରାୱାଡି ଡଲଫିନ୍ ଏବଂ ୨୬ଟି ବଟଲ୍-ନୋଜ୍ ଡ଼ଲଫିନ୍ ଥିବା ଚିହ୍ନଟ ହୋଇଥିଲା । ୨୦୨୨ରେ ଚିଲିକାରେ ୧୫୧ଟି ଇରାୱାଡି ଡଲଫିନ୍ ଏବଂ ୧୬ଟି ବଟଲ୍-ନୋଜ୍ ଡ଼ଲଫିନ୍ ଥିବା ଚିହ୍ନଟ ହୋଇଥିଲା। ୨୦୨୩ରେ ଚିଲିକାରେ ୧୫୪ଟି ଇରାୱାଡି ଡଲଫିନ ଏବଂ ୧୯ ଟି ବଟଲ୍ ନୋଜ୍ ପ୍ରଜାତିର ଡ଼ଲଫିନ ଥିବା ଚିହ୍ନଟ ହୋଇଥିଲା। ୨୦୨୪ରେ ଚିଲିକାରେ ୧୫୧ଟି ଇରାୱାଡି ଡଲଫିନ ଏବଂ ୧୫ଟି ବଟଲ୍ ନୋଜ୍ ପ୍ରଜାତିର ଡ଼ଲଫିନ୍ ଥିବା ଚିହ୍ନଟ ହୋଇଥିଲା ।

# ବଲାଙ୍ଗିରରେ ବିଶ୍ୱସ୍ତରୀୟ ଯୋଜନାରେ ଲୁଟ୍: ଚାଷ ନ କରି ତାଲିକାରେ ସାମିଲ ହୋଇଛନ୍ତି ହିତାଧିକାରୀ



ବଲାଙ୍ଗିର,୨୦/୦୧
ନ୍ୟୁଜ ବ୍ୟୁରୋ

ମିଲେଟ୍ ବା ମାଣ୍ଡିଆକୁ ପୁଷ୍ଟିକର ଖାଦ୍ୟ ଯୋଜନାରେ ସାମିଲ କରାଗଲା । ସେଥିପାଇଁ ମିଲେଟ ଚାଷକୁ ପ୍ରୋତ୍ସାହନ ବି ଦିଆଗଲା । ଏହାକୁ ବିକଳ୍ପ ଖାଦ୍ୟ ଭାବରେ ପରିଚୟ ଦେବା ସହ ଗ୍ରାମାଞ୍ଚଳରେ ହେଉଥିବା ମିଲେଟ୍‌କୁ ବିଶ୍ୱସ୍ତରୀୟ କରିବା ପାଇଁ ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଲେ । ହେଲେ ବଲାଙ୍ଗିର ଜିଲ୍ଲାରେ ମିଲେଟ୍ ଯୋଜନାକୁ ବିଶ୍ୱସ୍ତରୀୟ କରିବାର ସଂକଳ୍ପ ଭିତରେ ସରକାରୀ ଯୋଜନାରୁ ହରିଲୁଟ୍ କରିବାର ସାଂଘାତିକ ଷଡ଼ଯନ୍ତ୍ର କରାଯାଇଛି । କାଗଜକଲମରେ ଚାଷ ହୋଇଛି । ବିପଣନ ବି ହୋଇଛି । ମିଲେଟ୍ ଚାଷୀ ସରକାରୀ ସହାୟତା ଉଠାଇଛନ୍ତି । ହେଲେ ବାସ୍ତବରେ ଦେଖିଲା ବେଳକୁ ମିଲେଟ୍‌ର ନାଁ ଗନ୍ଧ ନାହିଁ । ଉଦ୍‌ବେଗର ବିଷୟ ଯେ, ମିଲେଟ ଯୋଜନାର ହିତାଧିକାରୀ ଚାଷୀଙ୍କ ଜମିରେ ସିଲେଟ ବା ସିରେଲ (ଅନାବନା ସ୍ଥାନରେ ଉଠୁଥିବା ଏକ ତୃଣ, ଯାହାକୁ ଗ୍ରାମାଞ୍ଚଳରେ ଲୋକେ ଶାଗ ଭାବେ ଖାଇଥାଆନ୍ତି) ଦେଖିବାକୁ ମିଳିଛି । କେତେକ ସ୍ଥାନରେ କପା ଜମିକୁ ମଧ୍ୟ ମିଲେଟ୍ ଚାଷ ଜମି ବୋଲି ଦର୍ଶାଯାଇଛି । କେବଳ ଏତିକି ନୁହେଁ, ଚାଷ ନ କରି ମଧ୍ୟ ତାଲିକାରେ ହିତାଧିକାରୀ ଭାବରେ ସେମାନଙ୍କୁ ଯୋଡ଼ାଯାଇଥିବା ଅଭିଯୋଗ ହୋଇଛି। ଏଭଳି କେତେକ ଚଞ୍ଚକତା ସମ୍ପର୍କରେ ଜଣେ ସୂଚନାକର୍ମୀଙ୍କ ଆରଟିଆଇରୁ ସୂଚନା ମିଳିବା ପରେ ଏକ ସାମ୍ବାଦିକ ଟିମ୍ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଥିଲା। ପ୍ରଥମେ ବେଲପଡା ବ୍ଲକରେ ଯୋଜନାର ଉପଯୋଗିତା କେତେ ସତ କେତେ ମିଛ ତାହାର ଯାଞ୍ଚ କରାଯାଇଥିଲା । ସମ୍ପୂର୍ଣ୍ଣ ବ୍ଲକରେ ୧୧୫୧ଜଣ ହିତାଧିକାରୀ ମିଲେଟ୍ ଚାଷ କରିଥିବା ବିଭାଗ କହିଛି । ତେଣୁ ବ୍ଲକର ମଣ୍ଡଳ ଗାଁରେ ବିଭାଗୀୟ ତଥ୍ୟ ସହ ବାସ୍ତବତାର ମେଳ କରାଯାଇଥିଲା। ତାଲିକା ଅନୁଯାୟୀ ପ୍ରଥମେ ହିତାଧିକାରୀ ତାଲିକାର ୧୦୫୪ ନମ୍ବରରେ ଥିବା ଜୟନ୍ତୀ ସେଠଙ୍କ ପାଖକୁ ଯାଇ ଭେଟିବା ସହ ମାଣ୍ଡିଆ ଚାଷ ସମ୍ପର୍କରେ ପଚାରିଥିଲେ। ହେଲେ ସେ କୌଣସି ଚାଷ କରିନାହାନ୍ତି ବୋଲି ସିଧାସିଧା କହିଥିଲେ । କିନ୍ତୁ ବିଭାଗ ପକ୍ଷରୁ ଦାଖଲ ରିପୋର୍ଟରେ ସେ ପ୍ରାୟ ୧ ଏକର ଜମିରେ ଚାଷ କରିଥିବା ସହ ତାଙ୍କ ସ୍ୱାମୀ ଦୁଃଖନାଶନ ସେଠ ବୋଲି ଉଲ୍ଲେଖ ରହିଛି । ଏଥିସହ ତାଙ୍କ ନାଁରେ ଏକ ଆଧାର କାର୍ଡ ଏବଂ ୟୁଜିବିର ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି । ଯାହାକୁ ଦେଖି ହିତାଧିକାରୀ ଶ୍ରୀମତୀ ସେଠ ସବୁ ତଥ୍ୟ ମିଛ ଅଟେ । ତାଙ୍କ ନାଁରେ ଅନ୍ୟ କେହି ସହାୟତା ରାଶି ହଡ଼ପ ପାଇଁ ଉଦ୍ୟମ କରିଥିବା କହିଛନ୍ତି । ଏପରିକି ତାଙ୍କ ଜମି ଏଥର ପଡ଼ିଆ ପଡ଼ିଥିବା ସେ କହିଥିଲେ । ପରେ ତାଙ୍କ ଜମିକୁ ଯାଇ ଦେଖିବାରୁ ସେଠାରେ ସିଲେର ବା ସିଲେଟ ଗଛ ଉଠିଥିବା ଦେଖିବାକୁ ମିଳିଥିଲା । ତେଣୁ ହିତାଧିକାରୀଙ୍କ ନାଁରେ ମିଲେଟ ସହାୟତା ରାଶି ହଡ଼ପ ପାଇଁ ଷଡ଼ଯନ୍ତ୍ର ହୋଇଥିବା ସ୍ପଷ୍ଟ ହୋଇଥିଲା । ସେହିପରି ମଣ୍ଡଳ ଗାଁ ନାଁରେ ଉଠିଥିବା ପ୍ରାୟ ହିତାଧିକାରୀଙ୍କ ଚିହ୍ନବର୍ଣ୍ଣ ନଥିବା ବେଳେ ଅନ୍ୟ ଗାଁର ଲୋକଙ୍କୁ ସେଠି ହିତାଧିକାରୀ ଭାବରେ ଉଲ୍ଲେଖ କରାଯାଇଛି । ତେବେ ଏହା କେବଳ ଉଦାହରଣ ମାତ୍ର । ସମୁଦାୟ ୭ଟି ବ୍ଲକରୁ ଏଭଳି ଅନେକ ଚଞ୍ଚକତାର ଅଭିଯୋଗ ଏବେ ସାମ୍ନାକୁ ଆସୁଛି । ଏସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀଙ୍କୁ ପଚାରିବାରୁ ଏଭଳି ହେବା ନିହାତି ଭାବରେ ସାଂଘାତିକ । ଯଦି କୌଣସି ବି ସ୍ଥାନରେ ବେଆଇନ କାର୍ଯ୍ୟ କରାଯାଇଛି, ତା'ହେଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲ୍ଲାର ବେଲପଡ଼ା, ଖପ୍ରାଖୋଲ, ପାଟଣାଗଡ଼, ବଙ୍ଗୋମୁଣ୍ଡା, ଟିଟିଲାଗଡ଼, ମୁରିବାହାଲ ଏବଂ ତୁରେକେଲାରେ ମାଣ୍ଡିଆ ଚାଷ ହୋଇଥିଲା । ୭ଟି ବ୍ଲକରେ ସମୁଦାୟ ୭୬୫୫ ହେକ୍ଟରର ଚାଷଜମିରୁ ୫୬୭୭ ହେକ୍ଟର ଜମିରେ ମାଣ୍ଡିଆ କରାଯାଇଥିଲା । ସେଥିରୁ ହେକ୍ଟର ପ୍ରତି ୮ କ୍ୱିଣ୍ଟାଲ ଆଧାରରେ ୪୫ହଜାର ୪୨୨ କ୍ୱିଣ୍ଟାଲ ମାଣ୍ଡିଆ ଅମଳ ହୋଇଥିବା ବେଳେ ୩୫ହଜାର ୭୬୮ କ୍ୱିଣ୍ଟାଲ ବିକ୍ରି କରିବାକୁ ଟାର୍ଗେଟ ନିଆଯାଇଛି । ଅମଳ ମାଣ୍ଡିଆକୁ ପ୍ରତି ବ୍ଲକରେ ୩ଟି ଲେଖାଁଏ ମଣ୍ଡି ଅନୁଯାୟୀ ସମୁଦାୟ ୨୧ଟି ମଣ୍ଡିରେ କିଣାଯାଉଛି। ଯାହାର କ୍ୱିଣ୍ଟାଲ ପ୍ରତି ମୂଲ୍ୟ ୪୨ଶହରୁ ୪୫ଶହ ଟଙ୍କା ରହିଛି । ହେଲେ ଏଥିରେ ମଧ୍ୟ କାଗଜଚାଷ ହୋଇଥିବା ଅଭିଯୋଗ ଉଠିଛି ।